Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 78
Friday, 22 May 2026
Balasore, Page : 8, ₹ 2/
ବାଲେଶ୍ୱର, ଶୁକ୍ରବାର, ୨୨ ମଇ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ
ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ତୈଳ ସଙ୍କଟ : ରାଜ୍ୟ ପ୍ରଶାସନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ୮ ସୂତ୍ରୀ ମାର୍ଗଦର୍ଶିକା

ଭୁବନେଶ୍ୱର, ୨୧/୫ (ଆ.ପ୍ର) : ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ଯୋଗୁ ଦେଶରେ ତୈଳ ସଙ୍କଟର ଆଶଙ୍କା ସୃଷ୍ଟି ହୋଇଛି । ଆଜ ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ପେଟ୍ରୋଲ ଓ ଡିଜେଲ୍ ଖର୍ଚ୍ଚ ଉପରେ ସରକାରୀସ୍ତରରେ ଅଙ୍କୁଶ ଲଗାଇବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଜରୁରୀ ନିଷ୍ପତ୍ତି ନେଇଛନ୍ତି । ଜୁନ୍ ପହିଲାରୁ ରାଜ୍ୟର ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଯାହାକି ନୂଆ ବୁଲେରିକିଆ ଓ ଡାଟିବିକିଆ ଯାନ କିଣାଯିବ ତାହା ବୈଦ୍ୟୁତିକ ଯାନ ବା ଲଘି ହେବା ସମ୍ପূର୍ଣ୍ଣ ବାଧ୍ୟତାମୂଳକ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ତୈଳ ସଙ୍କଟର ମୁକାବିଲା ଓ ସରକାରୀ ଗାଡ଼ିଗୁଡ଼ିକର ବ୍ୟବହାର ହ୍ରାସ ନିମନ୍ତେ ରାଜ୍ୟ ପ୍ରଶାସନ ପାଇଁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ୮ ସୂତ୍ରୀ ମାର୍ଗଦର୍ଶିକା ଜାରି କରି ଏହାକୁ ତୁରନ୍ତ ରାଜ୍ୟରେ ଲାଗୁ କରିବାକୁ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜାରି କରିଥିବା ୮ଟି ନିର୍ଦ୍ଦେଶନାମା ଅନୁସାରେ, ଏଣିକି ସରକାରୀ ସ୍ତରର ବିଭିନ୍ନ ବୈଠକ, ସମାଧି, ପ୍ରଶିକ୍ଷଣ ଓ କର୍ମଶାଳା ଆଦି ଅତି ଆବଶ୍ୟକ ନ ହେଲେ କେବଳ ଭର୍ଚ୍ଚୁଆଲ ମୋଡରେ ହିଁ କରାଯିବ । ସେଗୁଡିକ ପ୍ରତ୍ୟକ୍ଷ ଉପସ୍ଥିତିର ଅତି ଆବଶ୍ୟକତା ଥିବ, ସେଠାରେ କେବଳ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀମାନେ ହିଁ ସିଧାସନକ ଯେ । ଗ ଦେଇପାରିବେ ଏବଂ ବାକି ଅନ୍ୟ ସମସ୍ତେ ଭର୍ଚ୍ଚୁଆଲ ମୋଡରେ ଯୋଗ ଦେବେ । ଫେବୁଆରି ଆସନ୍ତା ଜୁନ୍ ପହିଲାରୁ ସରକାରୀ ଅଫିସଗୁଡ଼ିକରେ ଯେଉଁ ନୂଆ ବୁଲେରିକିଆ ଓ ଡାଟିବିକିଆ ଯାନ କିଣାଯିବ, ସେଗୁଡ଼ିକ ବୈଦ୍ୟୁତିକ ଯାନ ବା ଲଘି ହେବା ସମ୍ପୂର୍ଣ୍ଣ ବାଧ୍ୟତାମୂଳକ । କେବଳ ବିଶେଷ ଆବଶ୍ୟକତା ଥିଲେ ହିଁ ପେଟ୍ରୋଲ କିମ୍ବା ଡିଜେଲ ଯାନ କିଣିବାକୁ ଅନୁମତି ଦିଆଯିବ । ଏପରିକି ଜୁନ୍ ପହିଲାରୁ ସରକାରୀ ଅଫିସରେ ଭଡ଼ା ସୂତ୍ରରେ ନିଆଯାଇଥିବା ସରକାରୀ ଡାଟିବିକିଆ ଯାନ ଗୁଡ଼ିକ ମଧ୍ୟ ଲଘି ହେବା ବାଧ୍ୟତାମୂଳକ । ବ୍ୟକ୍ତିଗତ ସରକାରୀ ବ୍ୟବହାର ପାଇଁ ଗାଡ଼ି ପାଇଥିବା ବରିଷ୍ଠ ଅଧିକାରୀମାନେ ଏଣିକି ନିଜ ନିଜ ମଧ୍ୟରେ କାରପୁଲିଂ କରିବେ, ଅର୍ଥାତ୍ ଯିବା ଆସିବା ପାଇଁ କେବଳ ଗୋଟିଏ ଗାଡ଼ି ବ୍ୟବହାର କରିବେ ଓ ସେହି ଅନୁଯାୟୀ ସରକାରୀ ଯାନ ବ୍ୟବହାର କରିପାରିବେ, ସେଥିପାଇଁ ଅର୍ଥ ବିଭାଗ ଆବଶ୍ୟକ ୧୫ ଦିନ ମଧ୍ୟରେ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରିବ । ସେହିପରି ବୃହତ୍ସ୍ତରରେ କିମ୍ବା ସରକାରୀ ଟୁରରେ ଗଲାବେଳେ ଅଧିକାରୀ ଓ କର୍ମଚାରୀମାନେ ବସ୍ କିମ୍ବା ରେଳଯାତ୍ରା କରିବେ । ଯେଉଁ ଅଧିକାରୀମାନଙ୍କର ନିଜସ୍ୱ ବୈଦ୍ୟୁତିକ ଗାଡ଼ି ରହିଛି, ସେମାନେ ସରକାରୀ ଅଫିସରେ କିଛିକ୍ଷଣ ଏହାକୁ ବ୍ୟବହାର କରିପାରିବେ, ସେ ସମ୍ପର୍କରେ ମଧ୍ୟ ଅର୍ଥବିଭାଗ ପକ୍ଷରୁ ଗାଇଡଲାଇନ ପ୍ରସ୍ତୁତ କରିବା ପାଇଁ କୁହାଯାଇଛି । ସରକାରୀ କର୍ମଚାରୀମାନଙ୍କ ସୁବିଧା ପାଇଁ, ଯେଉଁ ସ୍ଥାନଗୁଡ଼ିକରେ ବହୁତ ମାତ୍ରାରେ ସରକାରୀ କର୍ମଚାରୀ ରହୁଛନ୍ତି, ସେଠାରୁ ଅଫିସ୍ ଯିବା ଆସିବା ପାଇଁ ବୈଦ୍ୟୁତିକ ବସ୍ କିମ୍ବା ମିନିବସ୍ ସେବା ଯୋଗାଇ ଦିଆଯିବ । ସରକାରୀ ଗାଡ଼ି ଗୁଡ଼ିକର ଚଳପ୍ରଚଳ ବାବଦରୁ ମାସିକ ପେଟ୍ରୋଲ ଓ ଡିଜେଲ ବ୍ୟବହାର ପରିମାଣ ଯେପରି ଅତିକମରେ ୧୦ ପ୍ରତିଶତ କମିବ, ସେ ଦିଗରେ ସମସ୍ତ ଅଫିସ୍ ସୁନିର୍ଦ୍ଦିଷ୍ଟ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ଏହି ନୂଆ ନିୟମ କେବଳ ସଚିବାଳୟ ବା ଲୋକସେବା ଭବନ ମଧ୍ୟରେ ସୀମିତ ରହିବ ନାହିଁ । ଏହା ରାଜ୍ୟ ସଚିବାଳୟ ଠାରୁ ଆରମ୍ଭ କରି ସମସ୍ତ ସରକାରୀ ବିଭାଗର ଉପଖଣ୍ଡ, ତହସିଲ, ବ୍ଲକ୍‌ସ୍ତର ସହିତ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଭରସାର, ସଂସ୍ଥା, ବିଶ୍ୱବିଦ୍ୟାଳୟ ଓ ସମିତିମାନଙ୍କରେ ଏହାକୁ କଡ଼ାକଡ଼ି ଭାବେ ଅନୁପାଳନ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ଉଲ୍ଲେଖଯୋଗ୍ୟ, ନିକଟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜେ ଉଦାହରଣ ସାଜି ତାଙ୍କ କାଲକେଡର ଗାଡ଼ି ସଂଖ୍ୟାକୁ ଅଧା କରିବା ସହ ପେଟ୍ରୋଲ-ଡିଜେଲ ଖର୍ଚ୍ଚ କମ୍ କରିବାକୁ ସାଧାରଣ ଜନତାଙ୍କୁ ମଧ୍ୟ ନିବେଦନ କରିଥିଲେ । ଏବେ ସେହି କ୍ରମରେ ସମ୍ପୂର୍ଣ୍ଣ ପ୍ରଶାସନିକ ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆଣିବାକୁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି ।

ଅପରାଧୀଙ୍କୁ ମନ୍ତ୍ରୀଙ୍କ ଚେତାବନି : ସୁଧୁରି ଯାଅ ନହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ

ଭୁବନେଶ୍ୱର, ୨୧/୫ (ଆ.ପ୍ର) : ବ୍ରହ୍ମପୁର ଘଟଣାରେ ଅପରାଧୀଙ୍କୁ ଏନକାଉଣ୍ଟର କରାଯାଇଛି । ଏଭଳି କାର୍ଯ୍ୟରେ ଲିପ୍ତ ଥିଲେ ସୁଧୁରି ଯାଅ ନହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଗୃହ ବିଭାଗ ତରଫ ଅଛି । ଯେଉଁ ଅପରାଧୀ ସୁଧୁରିବେ ନାହିଁ ତାଙ୍କୁ କଠୋର ଦଣ୍ଡ ମିଳିବ ବୋଲି କହି ଚେତାବନି ଦେଇଛନ୍ତି ମନ୍ତ୍ରୀ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ବ୍ରହ୍ମପୁର ଗିରିରୋଡରେ ଯୁବକଙ୍କୁ ଚଳେ ପକାଇ ମାଡ଼ ମାରିବା ଘଟଣାରେ ମୁଖ୍ୟ ଅଭିଯୁକ୍ତ ମୁଫତେସ ସାହୁ ଓରଫ ମୁଚେଶଙ୍କୁ ବ୍ରହ୍ମପୁର ପୋଲିସର ଏନକାଉଣ୍ଟର । ବୁଧବାର ବିନାଶିତ ରାତିରେ ଟାମଣା ଘାଟି ନିକଟରେ ପୋଲିସ ମୁଫତେସଙ୍କୁ କରିଛି ଏନକାଉଣ୍ଟର । ପୋଲିସ ଏନକାଉଣ୍ଟରରେ ମୁଫତେସ ଶରୀରରେ ମୋଟ ଚାରି ଗାଉଣ୍ଡ ଗୁଳି ଦାଗିଛି । ଗତ ୧୮ ତାରିଖ ରାତି ପ୍ରାୟ ସାତେ ୮ଟାରେ ଗିରିରୋଡ ଉପରେ ଉମେଶ ନାମକ ଜଣେ ଯୁବକଙ୍କୁ ଚଳେ ପକାଇ ବାଡ଼ିରେ ମରଣାତ୍ମକ ଆକ୍ରମଣ କରିଥିଲା ମୁଫତେସ । ଆକ୍ରମଣ କରିବା ପରେ ସେ ଫେରାର ହୋଇଯାଇଥିଲା । ପୋଲିସ ଏହି ମାମଲାର ତଦନ୍ତ କରି ଗତ ବୁଧବାର ଅନ୍ୟ ଦୁଇ ସହଯୋଗୀ ରାଜ ମଲହୋତ୍ରା ଓ ବିଜୁରାଜ ସାମଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିସାରିଛି । ମୁଫତେସ ଜଣେ ପେଶାଦାର ଅପରାଧୀ ଏବଂ ତା' ନାମରେ ୯ଟୁ ଅଧିକ ସଙ୍ଗୀନ ଅପରାଧିକ ମାମଲା ରହିଛି । ହତ୍ୟା ଉଦ୍ୟମ, ଡକାୟତି, ଦାଦାବଟି ଆଦାୟ ଏବଂ ବେଆଇନ ଅସ୍ତ୍ରଶସ୍ତ୍ର କାରବାର ଭଳି ଅନେକ ମାମଲା ବୈଦ୍ୟନାଥପୁର ଥାନା, ଗୋପାଳପୁର ଥାନା ଏବଂ ଗୋଷାଣୀ ନୂଆଗାଁ ଥାନାରେ ରହିଛି । ଗତକାଲି ରାତିରେ ସେ ଟାମଣା ଘାଟି ଦେଇ ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ତାକୁ ଗୋଡ଼ାଇଥିଲା । ପରେ ସେଠାରେ ଏନକାଉଣ୍ଟର ହୋଇଥିବା ଜଣାପଡ଼ିଛି । ମଙ୍ଗଳବାର ଦିନ ସମ୍ବଲପୁରରେ ଦୁର୍ଦ୍ଦାନ୍ତ ଅପରାଧୀ ବଂଟି ସୁନାକୁ ଏନକାଉଣ୍ଟର କରିଥିଲା ପୋଲିସ । ପୋଲିସ ବଂଟିକୁ ଧରିବା ପାଇଁ ଶିକ୍ଷା କରିଥିବା ସମୟରେ ବଂଟି ସୁନା ପୋଲିସ ଉପରକୁ ଗୁଳି ଚଳାଇଥିଲା । ଏଥିର ପାଲଟା ଜବାବରେ ପୋଲିସ ବଂଟି ସୁନାକୁ ଏନକାଉଣ୍ଟର କରିଥିଲା । ପରେରେ ତା'ର ବାମ ଗୋଡରେ ଗୁଳି ବାଜିଥିଲା । ବଂଟିକୁ ପ୍ରଥମେ ଗାରମାନ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସାପରେ ଦୁର୍ଗା ସ୍ତାନାନ୍ତର କରାଯାଇଛି । ବଂଟି ବିଶେଷ ଭଳି ଗଞ୍ଜେଇ ଚୋରାଚାଲାଣକାରୀ ଭାବେ ଜଣାଶୁଣା ଥିଲା । ବଂଟି ବିଭିନ୍ନ ଜିଲ୍ଲାରୁ ଗଞ୍ଜେଇ ଚାଲାଣ କରୁଥିଲା ଏବଂ ଗଞ୍ଜେଇ ଯେଉଁଠେରେ ଯାଉଥିଲା ତାକୁ ଏଥିରେ ଦେଉଥିଲା । ଏହି କାରଣରୁ ପୋଲିସ ତା' ଉପରେ ନଜର ରଖିଥିଲା । ସେହିଭଳି ଗତ ୧୭ ତାରିଖରେ ସମ୍ବଲପୁର ଦୁର୍ଗା ପ୍ଲାଜେନ୍‌ଗୋଲିମେ ଛକରେ ଗାଡ଼ି ଚେକିଂ କରୁଥିଲାବେଳେ ଖସି ଯିବାକୁ ଉଦ୍ୟମ କରୁଥିବା ଅପରାଧୀ ମନିଷ ସାହୁକୁ ପୋଲିସ୍ ଏନକାଉଣ୍ଟର କରିଥିଲା । ଅଭିଯୁକ୍ତ ମନୀଷ ପ୍ରଥମେ ପୁଲିସ ଉପରକୁ ୩ ରାଉଣ୍ଡ ଗୁଳି ଚାଳନା କରିଥିଲା । ଜବାବରେ ପୁଲିସ ପକ୍ଷରୁ ଦୁଇ ରାଉଣ୍ଡ ନିୟନ୍ତ୍ରିତ ଗୁଳିଚାଳନା କରାଯାଇଥିଲା । ଏଥିରେ ଅଭିଯୁକ୍ତର ଡାହାଣ ପାଦରେ ଗୁଳି ବାଜିଥିଲା । ଗୁରୁତର ଅବସ୍ଥାରେ ତାକୁ ଦୁର୍ଗା ମେଡିକାଲରେ ଭର୍ତ୍ତି କରାଯାଇଥିଲା । ମନୀଷ ନାଁରେ ପୂର୍ବରୁ ଏକାଧିକ ଥାନାରେ ୧୪ଟୁ ଅଧିକ ଅପରାଧିକ ମାମଲା ରହିଛି ।

ଖୁବ୍‌ଶୀଘ୍ର ହୋଇପାରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

ଭୁବନେଶ୍ୱର, ୨୧/୫ (ଆ.ପ୍ର) : ଜୁନ୍ ୧୨, ସରକାରଙ୍କୁ ୨ ବର୍ଷ ପୂରିବ । ସମୟ ଯେତିକି ପାଖେଇଛି, ମନ୍ତ୍ରୀଙ୍କ ମନରେ ଛନକା ସେତିକି ପଡୁଛି । ଏକାଧିକ ବିଭାଗର ଦାୟିତ୍ୱ ନେଇ ବହୁ ମନ୍ତ୍ରୀ ଚାପରେ ଥିବାରୁ ଆମକୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବା ନେଇ ଚର୍ଚ୍ଚା ବଢ଼ିଛି । ମୁଖ୍ୟମନ୍ତ୍ରୀ ରିପୋର୍ଟ କାର୍ଡ ଦେଖିବା ପରେ ଶାସନସ୍ତରରେ ଦେଖିବାକୁ ମିଳିପାରେ ବଡ ଛଡଛଡ । ରାଷ୍ଟ୍ରୀୟ ଅଧ୍ୟକ୍ଷ ଠାରୁ ଗ୍ରିନ୍ ସିଗନାଲ ପାଇବା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଅଙ୍କକଷା ଚାଲିଛି । ଯାହାକୁ ନେଇ ପାଖାପାଖି କରିଡରରେ ଆରମ୍ଭ ହୋଇଗଲାଣି ଲବି ପଲିଟିକ୍ସ । କେବଳ ଏମାନେ ନୁହନ୍ତି । ସୁଶୋଭ ପୂଜାରୀଙ୍କୁ ଛାଡିଦେଲେ ବିଜେପି ସରକାରରେ ଏକାଧିକ ବିଭାଗ ଦାୟିତ୍ୱରେ ରହିଛନ୍ତି ସବୁ ମନ୍ତ୍ରୀ । ଯାହାର ପ୍ରଭାବ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ବିଭାଗୀୟ କାର୍ଯ୍ୟରେ ପଡୁଛି । କାରଣ ତାପରେ ରହୁଛନ୍ତି ମନ୍ତ୍ରୀ । ଏକଜଣାଙ୍କ ଏକାଧିକ ବିଭାଗ ଉପରେ ନଜର ରଖିବାକୁ ସମୟ ଅଟୁଟି । ଭଲ ପ୍ରଦର୍ଶନ ପାଇଁ ସୁଯୋଗ ଥିଲେ ମଧ୍ୟ କାର୍ଯ୍ୟ ଚାପ ଏଥିରେ ବାଧକ ସାଜୁଛି । ଆସନ୍ତା ଜୁନ୍ ୧୨ରେ ସରକାରଙ୍କୁ ୨ ବର୍ଷ ପୂରୁଛି । ରାଜ୍ୟବାସୀଙ୍କ ଆଗରେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ସରକାରଙ୍କ ସଫଳତା ବଖାଣିବେ । ସେଥିପାଇଁ ଏବେଠୁ ଆରମ୍ଭ ହେଲାଣି କସରତ । ବର୍ତ୍ତମାନ ରିପୋର୍ଟ କାର୍ଡ ପ୍ରସ୍ତୁତ କରି ଲୋକଙ୍କ ସମ୍ମୁଖରେ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ପାଖାପାଖି କରିଡର ଓ ବଜାର ମଜଲାରେ ଚର୍ଚ୍ଚା ହେଉଛି, ୨ ବର୍ଷ ପୂର୍ତ୍ତି ପାଳନ ସମୟରେ ହୋଇପାରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ । ରିପୋର୍ଟ କାର୍ଡ ସାଜିପାରେ ବହୁତ ବଡ଼ ଆଧାର । ଏବେ ୬ଟି ମନ୍ତ୍ରୀ ପଦ ଫାଙ୍କା ରହିଛି । ତେଣୁ ଏହି ପଦବୀ ହାତେଇବାକୁ ଏକାଧିକ ବିଧାୟକ ଆଶାୱାରୀ । ଏଥିପାଇଁ ନିଜ ନିଜ ସ୍ତରରେ ମଜାପଡ଼ ପାଇବାକୁ କସରତ ଆରମ୍ଭ କରିଣି ବିଧାୟକ । ୩ ତିନ ପୂର୍ବରୁ ଓଡ଼ିଶା ଆସିଥିବା ରାଷ୍ଟ୍ରୀୟ ବିଜେପି ସଭାପତି ଅଧୁରା ଥିବା କାମକୁ ସାରିବାକୁ ଗ୍ରିନ୍ ସିଗ୍‌ନାଲ ଦେଇଥିଲେ । କୋର କମିଟି ଓ ମନ୍ତ୍ରୀସ୍ତରୀୟ ବୈଠକରେ ଏ ବାବଦରେ ଚର୍ଚ୍ଚା ହୋଇଥିବା ନେଇ ସୂଚନା ରହିଛି ।

ନିଜ ବିଦ୍ୟାଳୟକୁ ନିଜେ ସଫା ରଖ: ରାଜ୍ୟପାଳ

ଭୁବନେଶ୍ୱର, ୨୧/୫ (ଆ.ପ୍ର) : ବିଦ୍ୟାଳୟ ହେଉଛି ବିଦ୍ୟାର୍ଥୀଙ୍କ ପାଇଁ ବିଦ୍ୟାର ମନ୍ଦିର । ଏହାର ପରିବେଶକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ଦାୟିତ୍ୱ ବିଦ୍ୟାର୍ଥୀଙ୍କର ଅଟେ । ବିଦ୍ୟାଳୟର ସ୍ୱାଭଦ୍‌ସ ଓ ଗାଇଡ୍‌ସର କ୍ୟାଡେଟ୍ ଭାବେ ଏହି ଦାୟିତ୍ୱ ଅଧିକ ଗୁରୁତ୍ୱ ବହନ କରେ ବୋଲି ଓଡ଼ିଶା ରାଜ୍ୟ ଭାରତ ସ୍ୱାଭଦ୍‌ସ ଓ ଗାଇଡ୍‌ସର ରାଜ୍ୟ ପୁରସ୍କାର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଡ ହରିବାବୁ କମ୍ଭମପାଟି ପରାମର୍ଶ ଦେଇଛନ୍ତି । ଓଡ଼ିଶା ରାଜ୍ୟ ଭାରତ ସ୍ୱାଭଦ୍‌ସ୍ ଓ ଗାଇଡ୍‌ସ୍‌ର ରାଜ୍ୟ ପୁରସ୍କାର ଉତ୍ସବ ଗୁରୁବାର ପୂର୍ବାହ୍ନରେ ଲୋକସେବା ଭବନର ନୂଆ ଅଡିଟୋରିଅମ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂସ୍ଥାର ମୁଖ୍ୟ ପୃଷ୍ଠପୋଷକ ତଥା ରାଜ୍ୟପାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଜାତି ଓ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ର ଏବଂ ରାଜ୍ୟ କମିଶନର (ଗାଇଡ) ଡଃ. ପିପ୍ରା ନାୟକ, ଶ୍ରୀମତୀ ଶୁଭଶ୍ରୀ ନନ୍ଦ ରାଜ୍ୟ କମିଶନର (ଆଇନ୍ସ ରିପୋର୍ଟ) ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୮୦୦ ରୁ ଊର୍ଦ୍ଧ୍ୱ ସ୍ୱାଉଟ, ଗାଇଡ, ରୋଭର, ରେଞ୍ଜର, ଲଢ଼, ବୁଲ୍‌ବୁଲ୍, ସ୍ୱାଉଟ ମାଷ୍ଟର ଓ ଗାଇଡ୍ କ୍ୟାପ୍‌ଟେନଙ୍କ ସମେତ ପ୍ରତ୍ୟେକ ଜିଲ୍ଲାର ସମସ୍ତ ଶିକ୍ଷା ପଦାଧିକାରୀ ଉକ୍ତ ଉତ୍ସବରେ ଯୋଗଦାନ କରିଥିଲେ । ରାଜ୍ୟ ମୁଖ୍ୟ କମିଶନର ଡଃ. ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ଗଣଶିକ୍ଷାମନ୍ତ୍ରୀ ନିଜ ବକ୍ତବ୍ୟରେ, ଶୃଙ୍ଖଳା ଜ୍ଞାନ, ସହଯୋଗ ମନୋବୃତ୍ତି କୁଶଳି ଏବଂ ସୁସ୍ଥ ନାଗରିକ ଗଢ଼ି ତୋଳିବାରେ ସ୍ୱାଉଟ ସଂଗଠନର ଭୂମିକା ଅନେକ ବୋଲି କହିଥିଲେ । ଶେଷରେ କୁନି କୁନି ପିଲାମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ଅବସରରେ ଜିଲ୍ଲା ସ୍ୱାଉଟ ଗାଇଡ ସଙ୍ଗଠନର ପାଇଁ ଏବଂ ସ୍ୱାଉଟ ଗାଇଡ୍‌ସରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ଶାରୀରିକ ଶିକ୍ଷା ନିଦେଶକ ଏବଂ ସ୍ୱାଉଟ ମାଷ୍ଟର, ଗାଇଡ୍‌ନ୍ୟାପାଟେନ୍ ମାନଙ୍କୁ ମାନ୍ୟବର ରାଜ୍ୟପାଳ ପୁରସ୍କୃତ କରିଥିଲେ ।

ଡରାଇଲା ଇବୋଲା: ଭାରତ-ଆଫ୍ରିକା ୟୁନିୟନ ସମ୍ମିଳନୀ ସ୍ଥଗିତ

ନୂଆଦିଲ୍ଲୀ, ୨୧/୫(ନ୍ୟୁ.ଏ): ଆଫ୍ରିକାରେ ଇବୋଲା ଭୂତାଣୁ ଯୋଗୁ ସୃଷ୍ଟି ହୋଇଥିବା ବିପଜ୍ଜନକ ସ୍ଥିତିର ପ୍ରଭାବ ଭାରତରେ ଦେଖିବାକୁ ମିଳିଛି । ଇବୋଲା ଭୂତାଣୁ ଆଫ୍ରିକାରେ ଜୀବନ ନେଉଥିବାରୁ ନୂଆଦିଲ୍ଲୀରେ ହେବାକୁ ଥିବା ସମ୍ମିଳନୀକୁ ସ୍ଥଗିତ କରି ଦିଆଯାଇଛି । ଆସନ୍ତା ୨୮ରୁ ୩୧ ଯାଏ ଭାରତ ଓ ଆଫ୍ରିକା ୟୁନିୟନ ମଧ୍ୟରେ ଗୋଟିଏ ବଡ଼ ସମ୍ମିଳନୀ କିଲ୍ଲାରେ ହେବାକୁ ଥିଲା । କିନ୍ତୁ ଏବେ ଏହାକୁ ପରବର୍ତ୍ତୀ ତାରିଖ ଯାଏ ସ୍ଥଗିତ କରି ଦିଆଯାଇଛି । ବର୍ତ୍ତମାନ ଆଫ୍ରିକାର ବିଭିନ୍ନ ସ୍ଥାନରେ ମାରାତ୍ମକ ଇବୋଲା ଭାଇରସ ସଂକ୍ରାମକ ଅସୁଖ ସୃଷ୍ଟି କରିଛି । ଡେମୋକ୍ରାଟିକ ରିପବ୍ଲିକ ଅଫ କଙ୍ଗୋର ଦକ୍ଷିଣ କିଭୁ ପ୍ରଦେଶରେ ଏହା ଜଣକ ପରେ ଜଣଙ୍କୁ ମୃତ୍ୟୁ ନେଉଛି । ସେଠାକାର ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବି ଚିନ୍ତା ପ୍ରକାଶ କରିଛି । ଏପରିକି ଭାରତ ଓ ଆଫ୍ରିକା ୟୁନିୟନ ୪ଟି ଭାରତ-ଆଫ୍ରିକା ସମ୍ମିଳନୀ ପାଇଁ ପ୍ରସ୍ତୁତ ହେଉଥିଲେ । କିନ୍ତୁ ଆଫ୍ରିକାର ସ୍ଥିତିକୁ ଦେଖି ଉଭୟ ପକ୍ଷ ସମ୍ମିଳନୀ ସ୍ଥଗିତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ପରବର୍ତ୍ତୀ ସମୟରେ ଦୁଇ ପକ୍ଷ ମିଳିତ ଭାବେ ସମ୍ମିଳନୀ ପାଇଁ ନୂଆ ତାରିଖ ସ୍ଥିର କରିବେ । ଏ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯିବ ବୋଲି ଭାରତ ସରକାର କହିଛନ୍ତି । ସମ୍ମିଳନୀକୁ ସ୍ଥଗିତ କରିବାକୁ ଘୋଷଣା କରିବା ପୂର୍ବରୁ ଭାରତ ସରକାର, ଆଫ୍ରିକା ୟୁନିୟନ ଅଧ୍ୟକ୍ଷ ଓ ଆଫ୍ରିକା ୟୁନିୟନ କମିଶନ ଆଲୋଚନା କରିଥିଲେ । ଏଙ୍କପରେ ସମସ୍ତେ ମିଳିତ ଭାବେ ୪ଟି ଭାରତ-ଆଫ୍ରିକା ଫୋରମ ସମ୍ମିଳନୀକୁ ପରବର୍ତ୍ତୀ ତାରିଖକୁ ସ୍ଥଗିତ କରିବା ପାଇଁ ସ୍ଥିର କରିଥିଲେ । ଭାରତରେ ଏଯାଏ ଇବୋଲା ଭୂତାଣୁର କୌଣସି ମାମଲା ଚିହ୍ନଟ ହୋଇନାହିଁ । ତଥାପି କେନ୍ଦ୍ର ସରକାର ସତର୍କତାମୂଳକ ବ୍ୟବସ୍ଥା କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ବିଦେଶରୁ ଆସୁଥିବା ଲୋକଙ୍କୁ ସ୍ କ୍ରିନିଂ କରିବାକୁ କୁହାଯାଇଛି । ସାଙ୍କ୍ରାମକ ରୋଗ ଭୟରେ ଆକ୍ରାନ୍ତ ଲୋକଙ୍କୁ ଚିହ୍ନଟ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ

ଶନିବାର
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୨୨ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ପ୍ରଶାସନ ପକ୍ଷରୁ ୩ଟି ସ୍ଥାନରେ ସୁନାମି ମକଡ୍ରିଲ୍ ଅନୁଷ୍ଠିତ

ଅଷ୍ଟରଙ୍ଗ, ୨୧/୦୫ (ଆ.ପ୍ର) : ପୁରୀ ଜିଲ୍ଲା ଅଷ୍ଟରଙ୍ଗ ବ୍ଲକ ଅନ୍ତର୍ଗତ ଉପକୂଳର କୁଲ୍ କୁଲ୍ ନଟରା, ବେଳଙ୍ଗ, ବଡ଼ସିରେଇ ପ୍ରମୁଖ ୩ଟି ସ୍ଥାନରେ ସୁନାମୀ ପାଇଁ ଏକ ମକଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସୁନାମୀ ମକଡ୍ରିଲ ପରିଚାଳନା କମିଟିର ରାଜ୍ୟ ପର୍ଯ୍ୟବେକ୍ଷକ ଅଶିଲା ପ୍ରସାଦ ମିଶ୍ର, ଅଷ୍ଟରଙ୍ଗ ବିଡ଼ିଓ ସମ୍ବିତା ବେହେରା, ଅଷ୍ଟରଙ୍ଗ ଅଗ୍ନି ଶମ ବାହିନୀ ବିଭାଗୀୟ ଅଧିକାରୀ ଗଜାନ ମାଝି ପ୍ରମୁଖ ଯୋଗଦେଇଥିଲେ । ବନ୍ତିଲୋ ଜନତା ଉଚ୍ଚବିଦ୍ୟାଳୟ, ବେଳଙ୍ଗ ଗ୍ରାମ ଜଗନ୍ନାଥ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଡ଼ସିରେଇ ଗ୍ରାମର ଡେଜୁଣ୍ଡି ବିଦ୍ୟାଳୟ ଠାରେ ପୁରୀ ଜିଲ୍ଲା ପ୍ରଶାସନ, ଅଷ୍ଟରଙ୍ଗ ପଂଚାୟତ ସମିତି ତରଫରୁ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହଯୋଗରେ ଏହି ଏହି ମକଡ୍ରିଲ୍ ବା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନଟରା, ବେଳଙ୍ଗ ଓ ବଡ଼ସିରେଇ ସମେତ କେତେକ ଗାଁଗଣ୍ଡା ବଙ୍ଗୋପ ସାଗରର ଅତି ନିକଟବର୍ତ୍ତୀ ରହି ବାତ୍ୟା, ମହାବାତ୍ୟା, ପ୍ରକୃତିର ରୁଷ୍ଟିପାଳ ସହ ସୁନାମୀର ଭୟ ବହୁଛି । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପରିସ୍ଥିତିକୁ ସାମ୍ନା କରିବାକୁ ପଡିଥାଏ ଓ ସୁନାମି ପ୍ରବଣ ଅଂଚଳ ଭାବେ ବିଚ୍ଛିନ୍ନ ପରେ ଧନଜୀବନର ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ସ୍ଥାନୀୟ ଲୋକଙ୍କୁ ନେଇ ଏହି ସଚେତନତା ସୃଷ୍ଟି କରାଯାଉଛି । ହଠାତ୍ ବଙ୍ଗୋପସାଗରରେ ଭୂମିକମ୍ପ ଯୋଗୁ ସୁନାମିରେ ସମ୍ପୃକ୍ତ କୁଆର ମାଡିଆସି ଉପକୂଳ ଅଂଚଳକୁ ଗ୍ରାସ କରିବ ଏହା ଅସମ୍ଭବ ନୁହେଁ । ପ୍ରାକୃତିକ ବିପର୍ଯ୍ୟୟ ବେଳେ କୁଆର ପାଣି ମାଡିଆସି ସ୍ଥାନୀୟ ଅଂଚଳରେ ଜଳମଗ୍ନ ହେବା ନଜିର ରହିଛି । ସୁନାମୀ କେତେ ବେଳେ କେଉଁ ମୁହୂର୍ତ୍ତରେ ଆସିବ ତାହା ଆକଳନ କରିବା ଅସମ୍ଭବ । ସେଥିପାଇଁ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କରିବେ ସେସବୁକୁ ନେଇ ଏକ ଡେମୋ ଡ୍ରିଲ୍ ଦ୍ୱାରା ଅଭିନୟ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିପିଡିଓ ନିରାକାର ମିଶ୍ର, ଛୋଗଣ୍ଡା ସରପଂଚ ମୟୁଷ୍ମିତା କାଣ୍ଡି, ଜନତା ହାଇସ୍କୁଲ ପ୍ରଧାନଶିକ୍ଷକ ସନ୍ତୋଷ ପରିଡା ଉପସ୍ଥିତ ରହିଥିଲେ । ଅଷ୍ଟରଙ୍ଗ ସଂଚାୟତସମିତି ତରଫରୁ ସିଡିପିଓ, ଅଙ୍ଗନୱାଡି କର୍ମୀ, ଅନ୍ୟ କର୍ମଚାରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସୁତାରୁ ପରିଚାଳନା କରିଥିବାବେଳେ ଅଷ୍ଟରଙ୍ଗ ବ୍ଲକ ଅଧ୍ୟକ୍ଷ ଆରତୀ ନାୟକ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ ।

ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ +୨ ପରୀକ୍ଷାରେ ସାଧା ସିନ୍ଧୁରା ବିଜ୍ଞାନ ଓ ଆଭା ବେବର୍ତା କଳାରେ ଟପ୍ପର

ପାରଳାଖେମୁଣ୍ଡି, ୨୧/୦୫ (ଆ.ପ୍ର) : ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିଠାରେ ଥିବା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ ପରୀକ୍ଷାରେ କଳାରେ ଆଭା ବେବର୍ତା (୮୪.୬)ଏବଂ ବିଜ୍ଞାନରେ ସାଧା ସିନ୍ଧୁରା (୭୬.୫)ଟପ୍ପର ହୋଇଛନ୍ତି । କଳାରେ ମୋଟ ୨୭୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୫୫, ଦ୍ୱିତୀୟ ଶ୍ରେଣୀରେ ୫୧ ଏବଂ ତୃତୀୟ ଶ୍ରେଣୀରେ ୮୯ ତଥା କମାର୍ଟମେଂଟରେ ୩ ଜଣ ପାସ୍ କରିଛନ୍ତି । ସେହିଭଳି ବିଜ୍ଞାନରେ ମୋଟ ୧୦୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୩, ଦ୍ୱିତୀୟ ଶ୍ରେଣୀରେ ୨୪, ତୃତୀୟ ଶ୍ରେଣୀରେ ୨୨ ଓ କମାର୍ଟମେଂଟରେ ୧୦ ଜଣ ପାସ୍ କରିଛନ୍ତି । ବିଦ୍ୟାଳୟର ଅଧ୍ୟକ୍ଷ ଡ.ମନେନ୍ଦ୍ର ଲଉତ ତଥା ସମସ୍ତ ଅଧ୍ୟାପକ/ଅଧ୍ୟାପିକା କୃତି ଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ରକ୍ତଦାନ କରି ମାନବିକତାର ପରିଚୟ ଦେଲେ ପୋଲିସ କର୍ମଚାରୀ

ପାରଳାଖେମୁଣ୍ଡି, ୨୧/୦୫ (ଆ.ପ୍ର) : ସମାଜରେ ମାନବିକତା ବଂଚିଛି । ବିପଦବେଳେ ରକ୍ତଦାନ ମହାପୁଣ୍ୟ । ଏହିଭଳି ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି ଗଜପତି ଜିଲ୍ଲାର ପୋଲିସ କର୍ମଚାରୀ ବୃନ୍ଦ । ଜିଲ୍ଲାର ଏକ ଦୁର୍ଗମ ଅଂଚଳର ଜଣେ ଶିଶୁ ରକ୍ତଜାନତା ସମସ୍ୟା ଥିବାରୁ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ । ସେହି ଶିଶୁ ପାଇଁ ୨ ୟୁନିଟ ରକ୍ତ ପରକାର ପଡିଲା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ୧ ୟୁନିଟ ରକ୍ତ ଯୋଗାଡ କରାଯାଇଥିଲା । ଆଉ ୧ ୟୁନିଟ ରକ୍ତ ପାଇଁ ଉକ୍ତ ଶିଶୁର ପରିବାର ଚିନ୍ତିତ ଥିଲେ । ଏହି ସମୟରେ ନିକଟସ୍ଥ ପାରଳାଖେମୁଣ୍ଡି ଆରଣ୍ଡି ଆନାର କାର୍ଯ୍ୟାଳୟ ଏସଆଇ ପ୍ରମୁଖୁ ଜଗନ୍ନାଥଙ୍କୁ ରକ୍ତ ପରିବାର ରକ୍ତଦାନ କରିବାକୁ ଅନୁରୋଧ କରିଥିଲେ । ତାଙ୍କ ସହ ଜନେଷ୍ଟବଳ କନ୍ଦର୍ପ ପାତ୍ର ଓ ନୂତନ ଭାବେ ନିଯୁକ୍ତି ପାଇଥିବା ଗୁଡଗଣ୍ଡା ରବି ମଲ୍ଲାଣା ମିଳିତ ଭାବ ବକ୍ତା ୧ ୟୁନିଟ୍ ରକ୍ତଦାନ କରିଥିଲେ । ସେମାନଙ୍କର ଏହି ମହନୀୟତା ଅବଦାନ ପାଇଁ ରୋଗୀର ପରିବାର କୃତଜ୍ଞତା ଜଣାଇଛନ୍ତି । ଗଜପତି ପୋଲିସ ବେତାର ଆଜନଶୃଙ୍ଖଳା ନୂହେଁ ମାନବିକତାର ଶ୍ରେଷ୍ଠ ପରିଚୟ ଦେଇଥିବାରୁ ସେମାନଙ୍କୁ ବାହାଭାରୁ ଶୁଭେଚ୍ଛାର ସୁଅ ଛୁଟୁଛି ।

ବଜ୍ରାଘାତରେ ଦାଦାର ମୃତ୍ୟୁ, ପୁତୁରା ଗୁରୁତର

ଯାଜପୁର, ୨୧/୦୫ (ଆ.ପ୍ର) : ଯାଜପୁର ସଦର ଥାନା ଅନ୍ତର୍ଗତ ଛତିଶ ଦେବିନ ସଂଗ୍ରାମର ମହାଦଳକମା ପୁର ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା । ଘଟଣାରୁ ପ୍ରକାଶ ଯେ ଆଜି ଅପରାହ୍ନ ପ୍ରାୟ ୪ ଟା ୩୦ ମିନିଟ୍ ସମୟରେ ହଠାତ୍ ବିଜୁଳି ଘଡଘଡି ମାଡିବା ବେଳେ ଦୁର୍ଯୋଗପ୍ରବଣ ଧନଜୟ ବିଜୁଳି ମାଡିବାରୁ ଉଭୟ ମନୋଜ ଏବଂ ତାଙ୍କ ପୁତୁରା ସତ୍ୟଗଞ୍ଜନ ଧନ (୧୯) ବଜ୍ରାଘାତର ଶିକାର ହୋଇଥିଲେ । ସଙ୍ଗେ ସାଙ୍ଗେ ଗ୍ରାମବାସୀଙ୍କ ସହଯୋଗରେ ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବେଳେ ଡାକ୍ତର ମନୋଜ ଧନଙ୍କୁ ମୃତ ଘୋଷଣା କରିଥିଲେ । ଗୁରୁତର ଆହତ ହୋଇ ଥିବା ପୁତୁରା ସତ୍ୟଗଞ୍ଜନର ଚିକିତ୍ସା ଜାରି ରହିଥିବା ଜଣାପଡିଛି ।

+୨ ବିଜ୍ଞାନ ପରୀକ୍ଷାରେ ଟପ୍ପର, ସମ୍ମାନ ସ୍ଥାନ ଅଧିକାର କଲେ-କମଳାକାନ୍ତ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ

ଧାମନଗର, ୨୧/୦୫ (ଆ.ପ୍ର) : ଧାମନଗର ଏନ୍‌ଏସି ଅନ୍ତର୍ଗତ ତାଳପଦା ଗ୍ରାମର ଅକ୍ଷୟ ଋଣା ଓ ପାର୍ବତୀ ଋଣାଙ୍କ ସୁପୁତ୍ର କମଳାକାନ୍ତ ଋଣା ଚଳିତ ବର୍ଷର +୨ ବିଜ୍ଞାନ ପରୀକ୍ଷାରେ ଉତ୍କଳ ଜିଲ୍ଲାରେ ସର୍ବାଧିକ ନମ୍ବର ହାସଲ କରି ଧାମନଗର ଅଂଚଳ ପାଇଁ ଗୌରବ ଆଣିଛନ୍ତି । ଉତ୍କଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର କମଳାକାନ୍ତ +୨ ବିଜ୍ଞାନ ପରୀକ୍ଷାରେ ୫୮୬ ନମ୍ବର ଲାଭ କରି ସମଗ୍ର ଓଡ଼ିଶାରେ ସପ୍ତମ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି । ତାଙ୍କ ଏହି କୃତିତ୍ୱ ପରେ ଅଂଚଳରେ ଖୁସିର ଲହରୀ ଖେଳିଯାଇଛି । ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ସହକାରୀ ଶିକ୍ଷାଧିକାରୀ ହେମେନ୍ଦ୍ରନାଥ ମହାନ୍ତି କମଳାକାନ୍ତଙ୍କ ବାସସ୍ଥାନରେ ପହଂଚି ତାଙ୍କୁ ଉତରୀୟ, ପୁଷ୍ପଗୁଚ୍ଛ, ପାଠ୍ୟପୁସ୍ତକ ଓ ପଠନ ସାମଗ୍ରୀ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସେ କମଳାକାନ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଆଗାମୀ ଦିନରେ ଆହୁରି ସଫଳତା ଅର୍ଜନ କରିବେ ବୋଲି ଆଶା ପ୍ରକାଶ କରିଥିଲେ । ଏହି ଅବସରରେ ଖୋଳଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଭାବଗ୍ରାହୀ ଖୁଂଟିଆଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଓ ଅଂଚଳବାସୀ ଉପସ୍ଥିତ ରହି କମଳାକାନ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ । ମେଧାବୀ ଛାତ୍ରଙ୍କ ଏହି ସଫଳତା ପାଇଁ ମନ୍ତ୍ରୀଙ୍କ ପ୍ରତିନିଧି ଆଶୋକ ପୁଜାଣ, ଜୈନାଶ ମହାପାତ୍ରଙ୍କ ସହ ବହୁ ଅଂଚଳବାସୀ ଶୁଭେଚ୍ଛା ଓ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି ।

ପବିତ୍ର ଇଦ୍-ଉଲ୍ ଅଜହା ପର୍ବ ପାଇଁ ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ

ଧାମନଗର, ୨୧/୦୫ (ଆ.ପ୍ର) : ଧାମନଗର ବ୍ଲକ ଓ ଏନ୍ ଏ ସି ଅଂଚଳରେ ଟ୍ୟାଗ ଓ ବଳିଦାନର ପବିତ୍ର ଇଦ୍-ଉଲ୍ ଅଜହା (ବକ୍ରିଦ)ପର୍ବ ପାଇଁ ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ସକାଳ ୯ଟା ସମୟରେ ଧାମନଗର ସଂଚାୟତ ସମିତି ସଭାଗୃହ ପରିସରରେ ନୂତନ ତହସିଲଦାର ଜ୍ଞାନରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ସାଂସଦ ନଗର ପ୍ରତିନିଧି ସରୋଜ ମହାପାତ୍ର,ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ସଂଚାୟତ ସମିତି ଉପାଧ୍ୟକ୍ଷ ଜସବନ୍ତ ପ୍ରଧାନ, ଏସିଡିଓ ଶମିଷ୍ଠା ମଲ୍ଲିକ, ଅତିରିକ୍ତ ଏସପି ଅଂଶୁମାନ ଦ୍ୱିବେଦୀ,ଏସଡିପି ଓ ଅନିରୁଦ୍ଧ ମୁଦୁଲି, ଶାନ୍ତି କମିଟିର ବରିଷ୍ଠ ସଦସ୍ୟ ବାଗୁଦେବ ତ୍ରିପାଠୀ, ରାମଚନ୍ଦ୍ର ଜେନା, ବିରେନ୍ଦ୍ର ଜେନା, କୃଷ୍ଣ ଚନ୍ଦ୍ର ଜେନା, ପ୍ରତାପ ସାମଲ, ସୟଦ ମୁସ୍ତାପା ରଜା, ଏମନି ଫଜଲେ ବାରି, ଏମଡି ଲଣ୍ଡାଲଲ ହଦିବି, ସେକ ଜାଫର ଅଲ୍ଲୀ ହଦିବି, ଗୋଲାମ ଜିଲାନି ହଦିବି, ସେକ ଅବଦୁଲ ଜାମିମ, ସେକ ଗୋଲାମ ଅଲ୍ଲୀ, ସେକ ଅବଦୁର ରହମାନ, ଏମଡି ମଞ୍ଜୁରୁଲ ହକ, ଏମଡି ହଦିବୁର ରହମାନ, ସେକ ସମ୍ରାଜ, ସେକ ଚାରବାଚ୍ଚୁ,ଶୁଭାଶ କୁମାର ରାଉତ, ଜ୍ଞାନରଞ୍ଜନ ମଲ୍ଲଜୁନ୍, ସେକ ମୁସାକ, ସ୍ୱାସ୍ଥ୍ୟ ଓ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ସ୍ୱାସ୍ତିକ କୁମାର ନନ୍ଦୀଙ୍କ ସମେତ ବିଭିନ୍ନ ଅଧିକାରୀ ଉପସ୍ଥିତ ରହି ବ୍ୟାପକ ଆଲୋଚନା କରାଯାଇଥିଲା । ପ୍ରତିବର୍ଷ ଭଳି ବଳିତ ବର୍ଷ ମଧ୍ୟ ଏହି ପର୍ବ ୨୮,୨୯ ଓ ୩୦ ତିନିଦିନ ଧରି କିପରି ଶାନ୍ତି ଶୃଙ୍ଖଳା ରକ୍ଷା କରି ସମ୍ପୂର୍ଣ୍ଣ ହେବ ସେଥିପାଇଁ ପ୍ରସ୍ତୁତି ନିଆଯାଇଛି ବୋଲି ସୁରକ୍ଷିତ କମିଟି ସଦସ୍ୟ ମାନେ ମତପ୍ରକାଶ କରିଥିଲେ । ୨୮ତାରିଖ ସକାଳ ୮ଟାରେ ଧାମନଗର ଇଦଗା ମଇଦାନ ଠାରେ ଏବଂ ସମସ୍ତ ମସଜିଦରେ ସମୂହ ନମାଜ ପାଠ ୯ଟା ମଧ୍ୟରେ ସାରିବାର କାର୍ଯ୍ୟକ୍ରମ ରହିଛି ବୋଲି କମିଟି ସୂଚନା ପ୍ରଦାନ କରାଯାଇଛି । ଯେଉଁ ମାନେ ନିଷ୍କିତିକୁ ବ୍ୟତିକ୍ରମ କରିବେ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁରିସର ପ୍ରଶାସନ ତରଫରୁ ଚାରିଦିଗ କରାଯାଇଛି । ଶେଷରେ ଧାମନଗର ଆଜଆଜସି ସୁଜନିତ ଦାଶ ପୋଲିସ କ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଦଶପଲ୍ଲାରେ ଶିକ୍ଷକଙ୍କର ଛାଡୁନି ଅଫିସ ମୋହ

ଦଶପଲ୍ଲା, ୨୧/୦୫ (ଆ.ପ୍ର) : ନୟାଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବିଜିନ୍ନ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବର୍ଷ ବର୍ଷ ଧରି ଜିଲ୍ଲି ଶିକ୍ଷକ 'ଡେପୁଟେଶନ' ଆଧାରରେ ଆସ୍ଥାନ ଜମାଇ ବସିଛନ୍ତି । ଯେଉଁ ଗୁରୁଜୀମାନଙ୍କ ସ୍ଥାନ ଶ୍ରେଣୀଗୃହରେ ହେବା କଥା, ସେମାନେ ଏବେ ଅଫିସର ଏସି ରୁମ୍‌ରେ ବସି ବାବୁଗିରି କରୁଛନ୍ତି । ରାଣଶିକ୍ଷା ବିଭାଗର ସ୍ପଷ୍ଟ ନିର୍ଦ୍ଦେଶ ଥିଲେ ସୁଦ୍ଧା ପ୍ରଭାବଶାଳୀ ରାଜନେତାଙ୍କ ସୁପାରିଶ ଓ ଚାପ ଆଗରେ ଏହି ନିୟମ ଏଠାରେ ବେପା ହୋଇଯାଇଛି । ସାମୟିକ ଭାବେ ହେଉଥିବା ଏହି ଡେପୁଟେଶନର ଅବଧି ସରିବା ପୂର୍ବରୁ ନେତାମାନଙ୍କୁ ପ୍ରତାଶ୍ରୟ ଓ ପରୋକ୍ଷରେ ସବୁଷ୍ଟ କରାଯାଇ ପୁନର୍ବାର କାର୍ଯ୍ୟାଳୟ ବଦ୍ଦାଳି ଦିଆଯାଉଥିବା ଚର୍ଚ୍ଚା ହେଉଛି । ଏପରିକି ଅଫିସର ଅନ୍ୟ କର୍ମଚାରୀଙ୍କ ଉପରେ ଏହି ଶିକ୍ଷକମାନଙ୍କର ଦବଦବା ଏତେ ଅଧିକ ଯେ, ସେମାନଙ୍କ ଇସାରା ବିନା କାମ ଆଗକୁ ବଢୁନାହିଁ । ଉପରିସ୍ଥ ଅଧିକାରୀଙ୍କ ବହିଳି ନିର୍ଦ୍ଦେଶକୁ ମଧ୍ୟ ରାଜନୈତିକ ବଳରେ ରଦ୍ଦ କରିଦିଆଯାଉଛି । ଫଳରେ ମୂଳ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଅଭାବ ଦେଖାଦେଉଛି ଏବଂ ଛାତ୍ରଛାତ୍ରୀଙ୍କ ଜିଜ୍ଞାସାର ଅଭାବ ଆଡ଼କୁ ଗତି କରୁଛି । ଅନ୍ୟପକ୍ଷରେ, କେତେକ ବିଦ୍ୟାଳୟରେ ବଦିଶ୍ର ଶିକ୍ଷକ ଥିଲେ ମଧ୍ୟ ଡେପୁଟେଶନରେ ଆସିଥିବା ଜୁନିଅର ଶିକ୍ଷକ ପ୍ରଧାନଶିକ୍ଷକ ଦାୟିତ୍ୱ ତୁଲାଇଥିବା ଜଣି ସଂଗୀନ ଅଭିଯୋଗ ସାମ୍ନାକୁ ଆସିଛି । ସରକାରଙ୍କ ଶିକ୍ଷା ସଂସ୍କାର ଦାବି ଜିତରେ ଚାଲିଥିବା ଏଭଳି ମନମୁଖୀ କାର୍ଯ୍ୟକଳାପକୁ ନେଇ ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ସହ ତୁରନ୍ତ ସମସ୍ତ ଡେପୁଟେଶନ ବାତିଲ କରିବାକୁ ସାଧାରଣରେ ଦାବି ହେଉଛି ।

କୁହୁଡିରେ ୯୬ତମ ଲବଣ ସତ୍ୟାଗ୍ରହ ସ୍ମୃତି ସ୍ମାରକୀ ଦିବସ ପାଳିତ

ନିମାପଡା, ୨୧/୦୫ (ଆ.ପ୍ର) : ସ୍ୱାଧୀନତା ସଂଗ୍ରାମରେ ଲବଣ ସତ୍ୟାଗ୍ରହ ଏକ ପ୍ରମୁଖ ଘଟଣାବଳୀ । ଏହା ସ୍ୱାଧୀନତା ସଂଗ୍ରାମକୁ ତ୍ୱରାନ୍ୱିତ କରିଥିଲା । ଏହା ଅଧିକ ଗରିମାବନ୍ତ କରିଦେଇ ସହ ଏକ ଜନ ଆନ୍ଦୋଳନ ରେ ପରିଣତ କରିବାକୁ ପ୍ରେରଣା ଦେଇଥିଲା ବୋଲି କହିଥିଲେ କାକଟପୁର ବିଧାୟକ ତୁଷାର କାନ୍ତି ବେହେରା । ପୁରୀ ଜିଲ୍ଲା ଅଷ୍ଟରଙ୍ଗ ବ୍ଲକ ଅନ୍ତର୍ଗତ ସାନ୍ଦାଦ ସ୍ମୃତି ପୀଠ କୁହୁଡ଼ି ଠାରେ ଆଜି ୯୬ତମ ରାଜ୍ୟ ସ୍ତରୀୟ ଲବଣ ସତ୍ୟାଗ୍ରହ ସ୍ମୃତି ସ୍ମାରକୀ ଦିବସ ପାଳିତ ହୋଇଥିଲା । ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି କାକଟପୁର ଅଷ୍ଟରଙ୍ଗ ପଞ୍ଚାୟତ ଏହା ପାଳିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ବେହେରା ମହାତ୍ମାଗାନ୍ଧୀଙ୍କ ଦାଣ୍ଡିଯାତ୍ରାରେ ଅନୁପ୍ରାଣିତ ହୋଇ ୧୯୩୦ ମସିହା ଆଜିର ଦିବସରେ ଅଷ୍ଟରଙ୍ଗ ବ୍ଲକ କୁହୁଡ଼ି ଠାରେ ସଂଗ୍ରାମୀ ନାଳକଣ୍ଠ ଦାସ, ଜଗମୁଣ୍ଡ ଦାସ, ଗୋବିନ୍ଦ ଦାସ ପ୍ରମୁଖଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମକୁ ଅଧିକ ତେଜୋଦ୍ଦିପ୍ତ କରିଥିବା ବୋଲି କହିବା ସହ ଯୁବ ପିଢ଼ି ଏହି ଐତିହ୍ୟକୁ ଆଗକୁ ନେବେ ବୋଲି ଆଶା କରିଥିଲେ । ମୁଖ୍ୟ ବକ୍ତା ଭାବେ ଗାନ୍ଧୀ ଦର୍ଶନ ବିଚାରକ ପାର୍ଥ ସୁ ସାହିତ୍ୟିକ ଦାସ ବେନହୁର ଓ ପ୍ରଗତିବାଦୀ ସାମାଜପତ୍ରର କାର୍ଯ୍ୟ ନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ଗାନ୍ଧିଜୀ ମୂଲ୍ୟବୋଧ ର ଆଧାର ଓ ବିଶ୍ୱର ସମସ୍ତ ଦେଶ ପାଇଁ ଏକ ଶ୍ରେଷ୍ଠ ସ୍ମରଣିକାକୁ ଅତିଥି ମାନେ ପରିଚୟ ବୋଲି କହିଥିଲେ । ଲବଣ ସତ୍ୟାଗ୍ରହର ଐତିହ୍ୟ, ମହାତ୍ମାଗାନ୍ଧୀଙ୍କର ସ୍ୱାଧୀନତା ସଂଗ୍ରାମରେ କୁହୁଡ଼ିର ଅବଦାନ, ମହାତ୍ମାଗାନ୍ଧୀଙ୍କ ଓଡିଶା ଗସ୍ତର ଇତିହାସ, ସଂଗ୍ରାମ, ସଂଗ୍ରାମୀ ମାନଙ୍କର ସଂଘର୍ଷର କଥା, ସ୍ୱ ନିର୍ଭରଶୀଳତା, ଆଜିର ସମୟରେ ଲବଣ ସତ୍ୟାଗ୍ରହ ଆଲୋଚନାର ଆବଶ୍ୟକତା ଓ ଯୁବ ପିଢ଼ିଙ୍କୁ ଅନୁପ୍ରେରଣା ସମ୍ପର୍କରେ ବ୍ଲକ ପ୍ରମୁଖ ବକ୍ତା ବିଷ୍ଣୁ ଚରଣ ଆଲୋଚନା କରିଥିଲେ । ସମ୍ପାଦକ କାଳନ୍ଦୀ ଚରଣ ଛାଟୋଲ ମଂଚ ସଂଚାଳନ କରିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଲୋକ ପ୍ରତିନିଧି, ଶିକ୍ଷାବିତ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । ପ୍ରାରମ୍ଭରେ କୁହୁଡ଼ି ଠାରେ ଥିବା ବଡପୁରୁ ମାନଙ୍କ ପ୍ରତିମୂର୍ତ୍ତି ଓ ସ୍ମୃତି ଫଳକରେ ଅତିଥି ମାନେ ମାଲ୍ୟାର୍ପଣ ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ପୂର୍ବରୁ ବ୍ଲକ ନିକଟରେ ଥିବା ବଡପୁରୁ ମାନଙ୍କ ପ୍ରତିମୂର୍ତ୍ତି ଓ ବ୍ଲକ ପରିସରରେ ଥିବା ସହୀଦ ସ୍ମୃତି ଫଳକରେ ମାଲ୍ୟାର୍ପଣ କରାଯିବା ସହ ଏକ ସଚେତନତା ପଦଯାତ୍ରା ବ୍ଲକ ଠାରୁ କୁହୁଡ଼ି ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ସେହିପରି କୁହୁଡ଼ି ସ୍ମୃତି ପୀଠ ଠାରେ ଉତ୍କଳ ସଂଗ୍ରାମ ସ୍ମୃତି ସମିତି ର କର୍ମକର୍ତ୍ତା ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧା ସୁମନ ଅର୍ପଣ କରାଯିବା ସହ ଜାତୀ

ଶ୍ରମଜୀବୀ
ଆରମ୍ଭ
SEITHO ARAMBHA

ଶୁକ୍ରବାର, ୨୨ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ଦେହୁର୍ଦ୍ଧା ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

ଲୋଗରାଇ, ୨୧/୦୫(ଆ.ପ୍ର) : ଚଳି ଧାନ ଲୁପ୍ତ ପାଇଁ ଲୋଗରାଇ ବ୍ଲକ ଦେହୁର୍ଦ୍ଧା ସେବା ସମବାୟ ସମିତିର ଧାନମଣ୍ଡି ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ରାବେ ଲୋଗରାଇ ବିଧାୟକ ଗୋବିନ୍ଦ ବୁଦ୍ଧ ଦାସ ଯୋଗଦେଇ ଏହି ଧାନମଣ୍ଡିକୁ ଉଦଘାଟନ କରିଥିଲେ । ସମବାୟ ସମିତିର ସଭାପତି ଶ୍ରୀପତି ଭୂଷଣ ସେଠୀ, ୩୩ ନମ୍ବର କୋନର ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ଦେହୁର୍ଦ୍ଧା ସରପଂଚ ସରସ୍ୱତୀ ଜରଣ, ଜଳେଶ୍ୱରପୁର ସରପଂଚ ବିଭୁପ୍ରସାଦ ଜେନା, ନଳିନୀ ସେଠୀ, କୃଷକ ମୋର୍ଚ୍ଚାର ବ୍ଲକ ସଭାପତି ପ୍ରିୟବ୍ରତ ପ୍ରଧାନ, ଆରଏମସି କ୍ୟାଲିଟି ଏନାଲାଇଜର ସାଇଶୁଭମ ପଣ୍ଡା ସହିତ ସମସ୍ତ ନିର୍ଦ୍ଦେଶକ, ଧାନକ୍ରୟ କମିଟି ଓ ଚାଷୀମାନେ ଉପସ୍ଥିତ ଥିଲେ । ଚଳିତ ବର୍ଷ ଚଳି ଧାନ ଚାଷ ପାଇଁ ସମିତିରେ ୬୮୪ ଜଣ ଚାଷୀ ପଞ୍ଜିକୃତ କରିଥିବା ବେଳେ ଚାଉଳ ହଜାର ଲ୍ୟୁଂଟାଲ ଧାନ ବିକ୍ରି ପାଇଁ ଟାର୍ଗେଟ ଆସିଛି ବୋଲି ସମିତିର ସଭାପତି ଶ୍ରୀ ସେଠୀ ସୂଚନା ଦେଇଛନ୍ତି । ସମିତିର ସମ୍ପାଦକ ନିତ୍ୟାନନ୍ଦ ମଣ୍ଡଳ, ଅଜୟ ଆଚାର୍ଯ୍ୟ, ଚନ୍ଦନ ଘଡାଇ, ରାଜକିଶୋର ଦତ, ରାଜେନ୍ଦ୍ର ଘଡାଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

ଅଜଣା ବ୍ୟକ୍ତିଙ୍କ ଶବର ସତ୍କାର କଲା ହେଲପିଙ୍ଗ ସୋସାଇଟି

ବାଲେଶ୍ୱର, ୨୧/୦୫(ଆ.ପ୍ର) : ତିନି ଦିନ ପୂର୍ବେ ବାଲେଶ୍ୱର ଜିଲ୍ଲାର ସିମୁଳିଆ ଥାନା ନିକଟରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା । ଘଟଣା ପରେ ସିମୁଳିଆ ଥାନା ପକ୍ଷରୁ ଶବଟିକୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଫ୍ରିଜରରେ ରଖା ଯାଇଥିଲା । ତେବେ ଗତ ତିନି ଦିନ ଧରି ବିଭିନ୍ନ ସ୍ଥାନରେ ସୂଚନା ପ୍ରଚାର କରାଯାଇଥିଲେ ମଧ୍ୟ ମୃତକଙ୍କ ପରିଚୟ ମିଳି ପାରିନଥିଲା । ଶବଟି ଗଳିତ ଅବସ୍ଥାକୁ ଆସିଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସିମୁଳିଆ ଥାନା ପକ୍ଷରୁ ସତ୍କାର ପାଇଁ ସୂଚନା ଦିଆ ଯାଇଥିଲା । ଏହା ପରେ ବାଲେଶ୍ୱର ସହରର ପ୍ରମୁଖ ସାମାଜିକ ସଂଗଠନ 'ହେଲପିଙ୍ଗ ସୋସାଇଟି' ମାନବିକତାର

ପରିଚୟ ବେଳ ଶବ ସତ୍କାର ପାଇଁ ଆଗେଇ ଆସିଥିଲା । ସଂଗଠନର ସଭାପତି ହିତେନ ନାୟକଙ୍କ ତତ୍ତ୍ୱାବଧାନରେ ସହରସ୍ଥ ଆଳଟିଆର ଛକ ନିକଟରେ ଥିବା ଶ୍ମଶାନରେ ଆଜି ଉକ୍ତ ଅଜଣା ବ୍ୟକ୍ତିଙ୍କ ଶବର ସତ୍କାର କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଂଗଠନର ଉପଦେଷ୍ଟା ଅମିୟ ମହାନ୍ତି, ଉପସଭାପତି ଜୀବନ ସଂଗ୍ରାମ ମିଶ୍ର, ସମ୍ପାଦକ ଦିବ୍ୟ ରଞ୍ଜନ ଦାସ, ପ୍ରାଚି ସୁନ୍ଦର ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

ନୀଳଗିରିରେ ବିଜେଡ଼ିର ନାରୀ ଅଧିକାର ଅଭିଯାନପକ୍ଷ ପାଳନ

ନୀଳଗିରି, ୨୧/୦୫(ଆ.ପ୍ର) : ନୀଳଗିରି ନିର୍ବାଚନମଣ୍ଡଳ ବିଜେଡ଼ି ଆଲୁବୁଲ୍‌ଯାରେ ନାରୀ ଅଧିକାର ଅଭିଯାନପକ୍ଷ ପାଳନ କରାଯାଇଛି । ଆଜି ପୂର୍ବାହ୍ନ ୧ଘଟିକା ସମୟରେ ନୀଳଗିରି ବାଇପାସ ଠାରେ ଏକତ୍ରକରାଗଲୁ ଉର୍ଦ୍ଧ୍ୱ ମହିଳା ବିଜେଡ଼ି ଜନପ୍ରତିନିଧି, ନେତ୍ରୀ, ମହିଳାକର୍ମୀ ଏକତ୍ରିତ ହେବାପରେ ପ୍ରଥମେ ସ୍ୱର୍ଗତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ଏକ ବିଶାଳ ପଦଯାତ୍ରାରେ ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ପରେ କେସି ହାଇସ୍କୁଲ ପଡିଆରେ ଆୟୋଜିତ ସଭାରେ ନୀଳଗିରିର ପୂର୍ବତନ ବିଧାୟକ ଲଂ ସୁକାନ୍ତ କୁମାର ନାୟକ ସଭାପତିତ୍ୱ କରିଥିଲେ । ପ୍ରଥମେ ବନ୍ଦେଉତ୍କଳ ଜନନୀ ସଂଗୀତ ପରିବେଷଣ କରାଯିବାପରେ ସଭାଚାର୍ଯ୍ୟ ଆରମ୍ଭ ହୋଇଥିଲା । ମଂଚାସୀନ ଅତିଥିମାନଙ୍କ ମଧ୍ୟରେ ବିଜେଡ଼ି ଦଳର ବରିଷ୍ଠ ସାଧାରଣସମ୍ପାଦିକା ଲେଖଶ୍ରୀ ସାମନ୍ତ ସିଂହାର, ମହିଳା ସଂଗଠନ ଉପସଭାପତି ତଥା ନୀରାନେତ୍ରୀ ସୁଚିତି ସିଂ, ଯୁବବିଜେଡ଼ି କାର୍ଯ୍ୟକାରିଣୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ବାଲେଶ୍ୱର ଜିଲ୍ଲା ବିଜେଡ଼ି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବାଲେଶ୍ୱରର ପୂର୍ବତନ ଜିଲ୍ଲାପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାଶ,ପୂର୍ବତନ ଜିଲ୍ଲାପରିଷଦ ସଭାପତି ଜମିଲଦା ଦାସ,ନୀଳଗିରି ବ୍ଲକଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ବିଜେଡ଼ି ମହିଳାନେତ୍ରୀ ତଥା ମୟୂରଭଞ୍ଜ ଜିଲ୍ଲା ମୋରଗା ନିର୍ବାଚନ ମଣ୍ଡଳୀ ବିଧାୟିକା ପ୍ରାର୍ଥୀନୀ ପ୍ରିତାନନ୍ଦା ଜାଲୁନଗୋ, ପୂର୍ବତନ ଏସଏସବି ଅଧକ୍ଷ ମଦନମୋହନ ମାଝୀ, ପୂର୍ବତନ ଏନ ଏ ସି ସଭାପତି ରବୀନ୍ଦ୍ର ପରିଡ଼ା, ଏନଏସି ୭ ନମ୍ବର ୱାର୍ଡ଼ କାଉନସିଲର କମଳାମଣି ପରିଡ଼ା, ବିଜେଡ଼ିର ବରିଷ୍ଠନେତା ରମେଶ ଚନ୍ଦ୍ର ମହାନ୍ତି, ଖିପଡା ବ୍ଲକ ସଭାପତି, ନୀଳଗିରି ବ୍ଲକ ସଭାପତି ଗାଳୀବ ଦାସବାବୁଙ୍କ ସମେତ ଶଣ୍ଡିରପୁର ସେବା ସମବାୟସମିତି ସଭାପତି ଭାଗବତ ଖୁଣ୍ଟା, ପୂର୍ବତନ ବ୍ଲକ ସଭାପତି ଗଙ୍ଗାଧର ମିଶ୍ର ପ୍ରମୁଖ ମଂଚାସୀନ ଆଜ ନିଜନିଜର ବକ୍ତବ୍ୟ ପ୍ରଦାନ ସହିତ ବିଜେପିର ତବଲଲଙ୍ଗିନ ସରକାରଙ୍କ ଉପରେ ବର୍ଷିଥିଲେ । ରାଜ୍ୟର ବିଜେପି ସରକାରଙ୍କ ସମୟରେ ନାରୀନିର୍ଯାତନା ବୃଦ୍ଧି ପାଇଥିବା ବେଳେ ସୁରକ୍ଷାଦେବାରେ ବିଫଳ ହୋଇଛନ୍ତି । ପ୍ରତିକ୍ଷେତ୍ରରେ ମହିଳାମାନେ ନିର୍ଯାତିତ ହେଉଥିବା ବେଳେ ବିଜୁକୁଡିକ ଧର୍ଷଣ, ଶୋଷଣ, ନିର୍ଯାତନ ପୋଡ଼ିମାରିବା, ଆତ୍ମହତ୍ୟା ଭଳି ଘଟଣା ଘଟିଚାଲିଥିବା ବେଳେ ରାଜ୍ୟର ବିଜେପିନେତା, ମନ୍ତ୍ରୀ ଏପରିକି ମୁଖ୍ୟମନ୍ତ୍ରୀ ନିରବଦ୍ରଷ୍ଟା ସାଜିଛନ୍ତି ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ନେତାନେତ୍ରୀ ମାନେ କଟାକ୍ଷ କରିଥିଲେ । ଅଦ୍ୟମାନଙ୍କ ମଧ୍ୟରେ ଆରବନ୍ଧ ସରପଂଚ ବ୍ଲକମଣି ନାୟକ, ଛତ୍ରପୁର ସରପଂଚ ମାଳତୀ ମାରାଣ୍ଡି, ସିଆଡ଼ିମାଳ ସରପଂଚ ସୁରଥ ସିଂ ପ୍ରମୁଖ ଉପସ୍ଥିତ ଥିବାବେଳେ ହଜାରେରୁ ଅଧିକ ମହିଳାକର୍ମୀ କାର୍ଯ୍ୟକ୍ରମରେ ସାମିଲ ଥିଲେ ।

ଜାମୁଡିହ ଆଦର୍ଶ ବିଦ୍ୟାଳୟରେ ଛାତ୍ରରୁ ଖସି ୧୩ ବର୍ଷର ଛାତ୍ର ଗୁରୁତର କଟକ ବଡ ମେଡିକାଲକୁ ସ୍ଥାନାନ୍ତର

ନୀଳଗିରି, ୨୧/୦୫(ଆ.ପ୍ର) : ନୀଳଗିରି ବ୍ଲକ ଜାମୁଡିହ ଆଦର୍ଶ ବିଦ୍ୟାଳୟ ରେ ଗତ ୨୦ ତାରିଖ ବିଳମ୍ବିତ ରାତିରେ ଅଘଟଣ ଘଟିଛି । ହଷ୍ଟେଲ୍‌ର ତାଲା ଛାତରୁ ଖସି ୧୩ ବର୍ଷର ଛାତ୍ର ଗୁରୁତର । କଟକ ବଡ ମେଡିକାଲକୁ ସ୍ଥାନାନ୍ତର । ସୂଚନା ମୁତାବକ ଗରଡ଼ିହି ପଂଚାୟତ ବାଙ୍କୀସାହି ଗ୍ରାମର ନୀଳାଦ୍ରି ଜେନାଙ୍କ ପୁତ୍ର ତନୁୟ ଜେନା (୧୩), ଅଷ୍ଟମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ର ଭାବେ ହଷ୍ଟେଲ ରେ ରହି ପାଠ ପଢୁଥିଲେ । ଗତ କାଲି ବାଏକ ହଷ୍ଟେଲ ର ସମସ୍ତ ଛାତ୍ର ଖାଇସାରି ବା ପରେ ଦୁଇ ତାଲା ଛାତ ଉପରୁ କୌଣସି କାରଣ ପାଇଁ ତନୁୟ ହଷ୍ଟେଲ ଛାତରୁ ତଳକୁ ଖସି ପଡିଥିଲେ । ବିଦ୍ୟାଳୟ ଖୁଡେନ ବା ଶିକ୍ଷକ ସେଠାରେ ପହଂଚି ପାରିନଥିବା ବେଳେ ଅତି ମୁମୂର୍ଷ ଅବସ୍ଥାରେ ହଷ୍ଟେଲ ସହପାଠୀ ଉଦ୍ଧାର କରି ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ନୀଳଗିରି ମେଡିକାଲ ରେ ଭର୍ତ୍ତି କରି ଆସୁ ଚିକିତ୍ସା କରିଥିଲେ । ଏଥିରେ ତାଙ୍କର ଛାତି, ମୁଣ୍ଡ, ମୁହଁ ରେ ଗଭୀର ଆଘାତ ଲାଗି ଚାଳ, କାନ ଓ ପାଟିଦେଇ ପ୍ରବଳ ରକ୍ତ ସ୍ରାବ ହେଉଥିଲା ବେଳେ ଦୁଇ ହାତ ଭାଙ୍ଗି ଯାଇଥିଲା । ଅବସ୍ଥା ଅତି ଉଦବେଗ ଜନକ ଥିବାରୁ ଅଧିକେନ ମାଷ୍ଟ ଦେଇ ପରିବାର ଲୋକ କଟକ ବଡ ମେଡିକାଲକୁ ନେଇଥିବା ସୂଚନା ମିଳିଛି ।

ବେଆଇନ ଟିକେଟ କାଟି ଧରା ପଡ଼ିଲେ ଯୁବକ

ସିମୁଳିଆ, ୨୧/୦୫(ଆ.ପ୍ର) : ବଣିଶି-ପୂର୍ବ ରେଳବାଇ ଜୋନ ଖଡ଼ଗପୁର ଡିଭିଜନର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ମାର୍କୋଣାରେ ସଂରକ୍ଷଣ ଟିକେଟ କଳା ବଜାରୀଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ି ଚାଲିଛି । ଫଳରେ ସାଧାରଣ ଯାତ୍ରୀ ଦୈନନ୍ଦିନ ସଂରକ୍ଷଣ ଟିକେଟ ପାଇବାକୁ ବଂଚିତ ହେଉଛି । ବିଭାଗୀୟ କର୍ମଚାରୀଙ୍କ କଳା ବଜାରୀଙ୍କ ପ୍ରତି କୌଣସି ମନୋଭାବ ଯୋଗୁଁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଆଜି ଖଡ଼ଗପୁର ଡିଭିଜନର ରେଳ ସୁରକ୍ଷା ବଳର ସ୍ୱତନ୍ତ୍ର ଟିମ ମାର୍କୋଣା ରେଳ ଷ୍ଟେସନରେ ସଂରକ୍ଷଣ ଟିକେଟ କାଳଂଚରରେ ଅଚାଳିତ ଚଢାଉ କରିଥିଲା । ଏହି ଚଢାଉରେ ଜଟିନ୍ଦା ଗ୍ରାମର ସୂର୍ଯ୍ୟକାନ୍ତ ବେହେରା(୨୧)ବର୍ଷକୁ ଧରିଥିଲେ । ତା ନିକଟରୁ ଦୁଇଟି ଟିକେଟ ଉଦ୍ଧାର ହେବା ସହ ମୋବାଇଲ ଆଡିଡ଼ୁ ପ୍ରତ୍ୟନ୍ତ ଟିକେଟ କରୁଥିବା ଅଧିକାରୀ ପ୍ରକାଶ କରିଥିଲେ ଯେ ଅଧିକ ତଦନ୍ତ ପରେ ପ୍ରକୃତ ରହସ୍ୟ ଜଣା ପଡିବ ବୋଲି ଜଣାଯାଇଛି । ଏହି ଚଢାଉ ଫଳରେ ମାର୍କୋଣା ଟିକେଟ କଳା ବଜାରୀଙ୍କ ମଧ୍ୟରେ ଲୋକୁଆ ଭୟ ଖେଳିଯାଇଛି ।

ଏନ୍‌ଏସି ୮ ୱାର୍ଡ ଚିମିନିଭାଟି ଗାଁରେ ଜଳସଙ୍କଟ ମିତ୍ରପୁର ମୁଖ୍ୟରାସ୍ତା ଅବରୋଧକଲେ ଗ୍ରାମବାସୀ

ନୀଳଗିରି, ୨୧/୦୫(ଆ.ପ୍ର) : ଦୀପଚକ ଅଞ୍ଚଳ ଭଳି ଯେଉଁଠି ପ୍ରତ୍ୟେକ ପ୍ରଶାସନିକ ବିଭାଗର ଦପ୍ତର ରହିଛି, ସେଠିମଧ୍ୟ ବାବୁମାନଙ୍କର ଅବହେଳା ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ସୂଚନାରୁ ଜଣାଯାଉଛି, ନୀଳଗିରି ସହରର ୮ନଂ ୱାର୍ଡ ଚିମିନିଭାଟି ଅଂଚଳରେ ବିଜିନୁ ସମୟରେ ଅନେକ ସମସ୍ୟା ଲୋକଲୋଚନକୁ ଆସିଥାଏ । ଏବେ ଲୋକଙ୍କ ପାଇଁ ଜଳସଙ୍କଟ ପ୍ରମୁଖ ସମସ୍ୟା ହୋଇ ଦେଖାଦେଇଛି । ଗ୍ରାମରେ ପାଇପ ସଂଯୋଗହୋଇ ପାଣି ଆସୁଥିବା ବେଳେ ୫ଦିନଧରି ପାଣି ଆସୁନାହିଁ । ଏକମାତ୍ର ନଳକୂପ ଦୀର୍ଘଦିନ ଧରି ଖରାପହୋଇପଡ଼ିଛି । ଫଳରେ ଉପାୟଶୂନ୍ୟ ହୋଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ବାଧ୍ୟହୋଇ ନିଜସ୍ୱ ଅସ୍ୱାସ୍ଥ୍ୟକର ଦଳପୋଖରୀରୁ ଜଳ ବ୍ୟବହାର କରୁଥିଲେ । ଶେଷରେ ସହରାଂଚଳ ପାଇଁ ସୃଜିତ ଜନସ୍ୱାସ୍ଥ୍ୟ ବିଭାଗଥାଲ ଲୋକଙ୍କୁ ପାନୀୟଜଳ ଯୋଗାଇ ଆସୁଥିବା ବେଳେ ଉକ୍ତ ଗ୍ରାମରେ ପାଣିସୁବାଏ ପାଇଁ ଲୋକମାନଙ୍କୁ ରାଜରାସ୍ତାକୁ ଆସିବାକୁ ପଡ଼ିଛି । ଆଜି ସନ୍ଧ୍ୟାରେ ଶହଶହ ମହିଳା ଓ ପୁରୁଷ ନୀଳଗିରି ଓ ମିତ୍ରପୁର ରାସ୍ତାର ଆନାନିକଟ ମୁଖ୍ୟରାସ୍ତାକୁ ଅବରୋଧକରି ରାଗ, ବାଉଁଶ ରଖି ପ୍ରତିବାଦ ଜଣାଇଥିଲେ । ପାଇପରେ ପାଣି ଆସିବାପର୍ଯ୍ୟନ୍ତ ଦୈନନ୍ଦିନ ୨ଟି ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇଦେବାକୁ ଦାବୀ କରି ଧାରଣା ଦେଇଥିଲେ । ତେବେ ପ୍ରତିଶ୍ରୁତି ମିଳିବାପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାଯାଇଛି ।

ନିଜ ବିଦ୍ୟାଳୟକୁ ନିଜେ ସଫା କରିବା : ରାଜ୍ୟପାଳ

ଭୁବନେଶ୍ୱର, ୨୧/୦୫(ଆ.ପ୍ର) : ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡସ୍‌ର ରାଜ୍ୟ ପୁରସ୍କାର ଉତ୍ସବ ତା ୨୧।୦୫।୨୦୨୬ ତାରିଖ ୧୦.୩୦ ଘଣ୍ଟା ସମୟରେ ଲୋକଭବନର ନୂଆ ଅଭିଷେକ ହଲ ପରିସରରେ ଏକ ଦର୍ଯ୍ୟାଦ୍ୟପୂର୍ଣ୍ଣ ପରିସରରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟପାଳ ବିଜିନୁ କିଲ୍ଲାରୁ ୮୦୦ ରୁ ଊର୍ଦ୍ଧ୍ୱ ସ୍କାଉଟ, ଗାଇଡ, ରୋଭର, ରେଞ୍ଜର, କବ, ବୁଲବୁଲ, ସ୍କାଉଟ ମାଷ୍ଟର ଓ ଗାଇଡ୍ କ୍ୟାପଟେନଙ୍କ ସମେତ ପ୍ରତ୍ୟେକ ଜିଲ୍ଲାର ସମସ୍ତ ଶିକ୍ଷା ପଦାଧିକାରୀ ଉକ୍ତ ଉତ୍ସବରେ ଯୋଗଦାନ କରିଥିଲେ । ଉକ୍ତ ସମାରୋହରେ ସଂସ୍ଥାର ମୁଖ୍ୟ ପୃଷ୍ଠପୋଷକ ତଥା ରାଜ୍ୟପାଳ ଡଃ. ହରିବାବୁ କମ୍ଭମପାତି ମହୋଦୟ ମୁଖ୍ୟ ଅତିଥିରାବେ ଯୋଗଦେଇଥିବା ବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଜାତି ଓ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ର ଏବଂ ରାଜ୍ୟ କମିଶନର (ଗାଇଡ୍) ଡଃ. ସିପ୍ରା ନାୟକ, ଶୁଭଶ୍ରୀ ନନ୍ଦ ରାଜ୍ୟ କମିଶନର (ଆଡଲ୍ଟ ରିସୋର୍ସ) ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ରାଜ୍ୟ ମୁଖ୍ୟ କମିଶନର ଡଃ. ମିଶ୍ର ସ୍ୱାଗତ ଭାଷଣରେ ରାଜ୍ୟ ଶାଖା ଆନୁକୂଲ୍ୟରେ ବିଗତ ବର୍ଷରେ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ତଥା ସ୍କାଉଟ ଓ ଗାଇଡ୍‌ମାନଙ୍କ ଦ୍ୱାରା ବିଭିନ୍ନ ସେବା ତଥା ଗୋଷ୍ଠୀ ଉନ୍ନୟନ ମୂଳକ କାର୍ଯ୍ୟ ଦ୍ୱାରା ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ନିଜର ଉତ୍କର୍ଷତା ବଜାୟ ରଖିଥିବା ବିଷୟରେ ରାଜ୍ୟପାଳ ମହୋଦୟଙ୍କୁ ଅବଗତ କରାଇଥିଲେ । ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସ୍କାଉଟ ଗାଇଡ୍ ଶିକ୍ଷା ବିଭାଗର ଏକ ଅଂଶ ଏବଂ ଭବିଷ୍ୟ ନେତୃତ୍ୱ ଲାଗି ଆଜି ବିଶ୍ୱରେ ପରିଚୟ ସୃଷ୍ଟି କରିପାରିଥିବାରୁ ଖୁସି ବ୍ୟକ୍ତ କରିବା ସହ ଶୃଙ୍ଖଳା ଜ୍ଞାନ, ସହଯୋଗ ମନୋବୃତ୍ତି କୁଶଳି ଏବଂ ସୁସ୍ଥ ନାଗରିକ ଗଢ଼ି ତୋଳିବାରେ ସ୍କାଉଟ ସଂଗଠନର ଭୂମିକା ଅନେକ ବୋଲି କହିଥିଲେ । ରାଜ୍ୟପାଳ, ଭାରତ ସ୍କାଉଟସ୍ ଓ ଗାଇଡସ୍ ଭଳି ଏକ ବୃହତ ସ୍ୱେଚ୍ଛାସେବୀ ସଂଗଠନ ଅତୀତରେ ବହୁ ସେବାମୂଳକ କାର୍ଯ୍ୟନିର୍ବାହ କରି ପୃଥିବୀରେ ସର୍ବବୃହତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରୂପେ ନିଜର ସ୍ଥିତି ବଜାୟ ରଖି ପାରିଛି, ବନ୍ୟ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ତଥା ପୂର୍ବବର୍ତ୍ତୀ ସମୟରେ ଲୋକଙ୍କ ପାଖରେ ପହଞ୍ଚି ଆବଶ୍ୟକୀୟ ସେବା ଯୋଗାଇ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଛି ଆର ଭବିଷ୍ୟତରେ ନିଶ୍ଚିତ ଭାବେ ଏଥାକୁ ଅଧିକ ରଖିବ ବୋଲି ଆଶାବ୍ୟକ୍ତ କରିଥିଲେ । ଶେଷରେ କୁନି କୁନି ପିଲାମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏଦବ୍ୟତୀତ ଜିଲ୍ଲା ସ୍କାଉଟ ଗାଇଡ୍ ସମାବେଶ ପାଇଁ ଏବଂ ସ୍କାଉଟ ଗାଇଡ୍‌ରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଏବଂ ସ୍କାଉଟ ମାଷ୍ଟର, ଗାଇଡ୍‌କ୍ୟାପଟେନ୍ ମାନଙ୍କୁ ମାନ୍ୟବର ରାଜ୍ୟପାଳ ପୁରସ୍କୃତ କରିଥିଲେ ।

କୁମ୍ଭାରପଡା ମହାବିଦ୍ୟାଳୟରେ ନୂତନ ଅଧକ୍ଷାଙ୍କ ଯୋଗଦାନ

ଖଣ୍ଡପଡା, ୨୧/୦୫(ଆ.ପ୍ର) : ଖଣ୍ଡପଡା ବ୍ଲକ ଅଧୀନ କୁମ୍ଭାରପଡା ଗ୍ରାମସ୍ଥିତ ଶ୍ରୀ ଶ୍ରୀ ଲଡୁକେଶ୍ୱର ଜାୟୁ ମହାବିଦ୍ୟାଳୟରେ ନୂତନ ଅଧକ୍ଷା ଭାବେ ମଞ୍ଜୁଲତା ଭୋଲ ଗୁରୁବାର କାର୍ଯ୍ୟରେ ଯୋଗଦେଇ ଦାୟିତ୍ୱ ଗ୍ରହଣ କରିଥିବା ଜଣାଯାଇଛି । ନୂତନ ଅଧକ୍ଷାଙ୍କୁ ଅନୁଷ୍ଠାନ କର୍ତ୍ତୃପକ୍ଷ ଓ ପଢିବାଳକା କମିଟିର ସଦସ୍ୟମାନେ ଉତରାୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଛନ୍ତି । ଏ ଅବସରରେ ଚଳିତ ବର୍ଷ ଯୁକ୍ତ ୨ ବଳା ପରୀକ୍ଷାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ୩ ଜଣ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ଉତରାୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରକାଶଥାକେ ଚଳିତ ବର୍ଷ କଳା ପରୀକ୍ଷାରେ ଅନୁଷ୍ଠାନର ୧୫ ଜଣ ଛାତ୍ରଛାତ୍ରୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୪୦ ଜଣ ଦ୍ୱିତୀୟ ଓ ୨୩ ଜଣ ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାପଡିଛି । ମେଧାବୀ ଛାତ୍ର ଅଭିଷେକ ନାୟକ ୪୪୨ ନଂ ରଖି ଅନୁଧ୍ୟାନ ପାଇଁ ଗୌରବ ଆଣିଥିବା ଜଣାପଡିଛି ।

'ଅପରେସନ ଅମାନତ' ଅଧୀନରେ ଆରପିଏଫ ବାଲେଶ୍ୱର ପକ୍ଷରୁ ଯାତ୍ରୀଙ୍କ ହଜିଯାଇଥିବା ମୋବାଇଲ ଫେରସ୍ତ

ବାଲେଶ୍ୱର, ୨୧/୦୫(ଆ.ପ୍ର) : ସତର୍କତା ଓ ଯାତ୍ରୀ ସେବାର ଏକ ପ୍ରଶଂସନୀୟ ଦୃଷ୍ଟାନ୍ତ ସୃଷ୍ଟି କରି ରେଳ ସୁରକ୍ଷା ବଳ (ଆରପିଏଫ), ବାଲେଶ୍ୱର 'ଅପରେସନ ଅମାନତ' ଅଧୀନରେ ଜଣେ ଯାତ୍ରୀଙ୍କ ହଜିଯାଇଥିବା ମୋବାଇଲ ଫୋନ ଉଦ୍ଧାର କରି ତାହାକୁ ପ୍ରକୃତ ମାଲିକଙ୍କୁ ଫେରସ୍ତ କରିଛି । ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ୨୦ ତାରିଖରେ ଟ୍ରେନ୍ ନଂ ୧୮୪୦୧ ଅମୃତ ଜ୍ୟୁତି ସମସ୍ତ ଚଢିବା ପରେ ଆରପିଏଫ କର୍ମଚାରୀମାନେ ବାଲେଶ୍ୱର ରେଳ ଷ୍ଟେସନର ପ୍ଲା

ଦୈନିକ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୨୨ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଭୃତ୍ୟଭାବାପନ୍ନ ଶିକ୍ଷା

ମନୁଷ୍ୟ ଶରୀରରେ ଆଖି, କାନ, ପାଟି ଆଦି ସବୁ ଅଙ୍ଗଗୁଡ଼ିକ ପରସ୍ପର ସହିତ ଅବିନ୍ଦ୍ର ଭାବରେ ସମ୍ପୃକ୍ତ । ଏହି ଅଙ୍ଗଗୁଡ଼ିକ ଯେପରି ମନୁଷ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ସେହିପରି ସାମାଜିକ ପ୍ରକ୍ରିୟାର ଏକ ଅଙ୍ଗ ଭାବରେ ମନୁଷ୍ୟ ମଧ୍ୟ ସମାଜ ପାଇଁ ଗୁରୁତ୍ୱ ପୂର୍ଣ୍ଣ । ମନୁଷ୍ୟ ମାନବଜାତିର ଏକ ଅଂଶ । ପ୍ରକୃତି ଈଶ୍ୱରଙ୍କର ଏକ ଅଂଶ । ଏହି ପରସ୍ପରିକ ସମ୍ପର୍କକୁ ମନୁଷ୍ୟ ଜାଣିପାରି ନାହିଁ । ପ୍ରକୃତିରେ ଯାହା କିଛି ହେଉଛି ସେଥିରେ ମନୁଷ୍ୟ ଏକ ପ୍ରକାରର ମଂନିର୍ଦ୍ଦେଶକ ପରି । ନିଜର ଗରିମାକୁ ଭୁଲିଯାଇ ମନୁଷ୍ୟ ନିଜର ଅଧିକାର ପାଇଁ ଲଢ଼ିଛି । ଗରୀବ ଭାବରେ ଅନୁସନ୍ଧାନ କରେ ଜଣାଯିବ ଯେ ଏ ସଂସାରରେ ମନୁଷ୍ୟର କୌଣସି ଅଧିକାର ନାହିଁ । ତାର କେବଳ କର୍ତବ୍ୟ ଅଛି, ଅଧିକାର ନୁହେଁ । ନିଜର କର୍ତବ୍ୟ ସମ୍ପାଦନ ନ କରି ଅଧିକାର ପାଇଁ ଲଢ଼ିବା ନିର୍ଦ୍ଦେଶ୍ୟ । ଆଜିର ଦିନ୍ତା ଓ ଚେତନାକୁ ଦେଖିଲେ ଜଣାପଡ଼େ ଯେ, ସଂସାରରେ ସବୁ ପ୍ରକାର ବୃଦ୍ଧି ଓ ବିଶୃଙ୍ଖଳାର କାରଣ ହେଉଛି ମନୁଷ୍ୟ ନିଜର କର୍ତବ୍ୟକୁ ଭୁଲିଯିବା । ପ୍ରତ୍ୟେକ ବ୍ୟକ୍ତି ନିଜର କର୍ତବ୍ୟର ସୁ ସମ୍ପାଦନ କଲେ ଜଗତ ଶାନ୍ତ ଓ ସମୃଦ୍ଧ ହେବ । ତାର ଏକମାତ୍ର ଅଧିକାର ହେଉଛି ନିଜର କର୍ତବ୍ୟ ସମ୍ପାଦନ କରିବା । ତାର ଆଉ ଅନ୍ୟ କୌଣସି ଅଧିକାର ନାହିଁ । ପିତାମାତାମାନେ ନିଜର କର୍ତବ୍ୟ ସମ୍ପାଦନ କଲେ ପିଲମାନେ ମଧ୍ୟ ନିଜର ଦାୟିତ୍ୱ ହୃଦୟଙ୍ଗମ କରିବେ । ପିଲାମାନେ ନିଜର ପିତାମାତାଙ୍କ ପ୍ରତି କର୍ତବ୍ୟ ସମ୍ପାଦନ କଲେ ପିତାମାତାମାନେ ସମ୍ମାନିତ ହେବେ । ସେହିପରି ଶିକ୍ଷକମାନେ ସେମାନଙ୍କର କର୍ତବ୍ୟ ସମ୍ପାଦନ କଲେ ଛାତ୍ରମାନେ ଠିକ ଭାବରେ ଆଚରଣ କରିବେ । ଛାତ୍ରଛାତ୍ରୀମାନେ ସେମାନଙ୍କର କର୍ତବ୍ୟ ଠିକ୍ ଭାପରରେ ସମ୍ପାଦନ କଲେ, କର୍ମଚାରୀମାନେ ସଜାଗ ଲାଭ କରିବେ ।' ଆଜି ପୋଲମାନେ ସେମାନଙ୍କର ଦାୟିତ୍ୱ ଭୁଲି ଯାଉଛନ୍ତି । ଜଗତ ପରସ୍ପର ସହିତ ସମ୍ପୃକ୍ତ ଅଂଶଗୁଡ଼ିକର ଏକ ଅଖଣ୍ଡ ଏକକ ଅଟେ । ପ୍ରତ୍ୟେକ ନିଜର କର୍ତବ୍ୟ କଲେ ସମସ୍ତଙ୍କୁ ଲାଭ ମିଳିବ । ମଣିଷ ନିଜର କର୍ତବ୍ୟ ସମ୍ପାଦନ କରିବାକୁ ଯୋଗ୍ୟ, ତାହାର ଫଳ ପାଇଁ ନୁହେଁ । ପୁଳ୍ୟଶ୍ରୀ କୁମାର ଲାଲ ତାଙ୍କ ଦିବ୍ୟ ସମ୍ଭାଷଣରେ ବିଶେଷଜ୍ଞଙ୍କୀ ବିଦ୍ୟାର୍ଥୀ ବିଦ୍ୟାର୍ଥୀମାନଙ୍କ ମାନଙ୍କୁ ଆଧାତ୍ମିକ ଉଦ୍‌ବୋଧନରେ ଉଦ୍‌ଘୋଷଣା କରିଛନ୍ତି । ନୂତନ୍ତାଜି ଶିକ୍ଷା ଜଗତ ବହୁବିଧ ସମସ୍ୟାରେ ପରିପୂର୍ଣ୍ଣ । ତାହା ସମ୍ପୃକ୍ତ ଜର୍ଜ୍ଜରିତ ବର୍ତ୍ତମାନ । ଶିକ୍ଷା ପଦ୍ଧତି ସମାଜରେ ମାନବୀୟ ମୂଲ୍ୟବୋଧର ବିଧ୍ୱଂସରେ ସହାୟକ ହେଉଛି । ଦେଶର ସର୍ବବିଧ୍ୟ କଲ୍ୟାଣର ଅଭିବୃଦ୍ଧି ଦିଗରେ ଶିକ୍ଷାନୁଷ୍ଠାନଗୁଡ଼ିକ ନେତୃତ୍ୱ ନେବା କଥା, କିନ୍ତୁ ସେଗୁଡ଼ିକ ସେଣକୁ ପଛକୁ ଲଢ଼ୁଛନ୍ତି । ଦୀକ୍ଷା, ଚରିତ୍ରବତା, ସାଧୁତା ଓ ନୈତିକତା ଆଦି ମାନବୀୟ ମୂଲ୍ୟବୋଧଗୁଡ଼ିକ ପ୍ରାୟ ଉଭେଇ ଗଲେଣି । ଆମର ଯାହା ଦରକାର ତାହା ଏକ ନୂତନ ଶିକ୍ଷାପଦ୍ଧତି ବା ଏକ ନୂତନ ସମାଜ ବ୍ୟବସ୍ଥା କିମ୍ବା ଏକ ନୂଆ ଧର୍ମ ନୁହେଁ । ନୂତନ ସମାଜ-ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ବହୁ ଜଳ୍ପନା ଜଳ୍ପନା ହେଉଛି । ଏ ସବୁ ବୃଥା ବାଗ୍ୱାମ । ଆଜି ଆମର କେବଳ ଉତମ ଲୋକ ଦରକାର । ମହତ୍ ମନ ଓ ହୃଦୟସମ୍ପନ୍ନ ଲୋକମାନେ ରହିଲେ ରାଷ୍ଟ୍ର ପ୍ରଗତିଶୀଳ ହେବ । ଏପରି ଲୋକମାନେ ସମାଜରେ ସେତେବିଳେକେ ବାଧାରିବେ ଯେତେବେଳେ ସମାଜରେ ମାନସିକ ନିର୍ମଳତା ଓ ନୈତିକତା ରହିବ । ନୈତିକ ମୂଲ୍ୟବୁଧରେ ପ୍ରତିଷ୍ଠିତ ସମାଜ ହିଁ ଏପରି ମହତ୍ ଲୋକମାନଙ୍କର ପୁଷ୍ଟି ଜଗିପାରିବ । ନୈତିକତା ଓ ଚରିତ୍ରବତା ଆଧାତ୍ମିକ ଚେତନା ଉପରେ ଆଧାରିତ । ନୈତିକତା ଓ ଚରିତ୍ରବତା ଆଧାତ୍ମିକତା ଉପରେ ନିର୍ଭରଶୀଳ । ଆଧାତ୍ମିକ ଶକ୍ତି ବିଶ୍ୱଶାନ୍ତି, ମାନବୀୟ ପ୍ରଗତି ଓ ସମୃଦ୍ଧି ଉତ୍ତରର ଭବିଷ୍ୟତ ପାଇଁ ମାର୍ଗ ପ୍ରଶସ୍ତ କରେ ।' ମନୁଷ୍ୟ ଆଧାତ୍ମିକତାକୁ ଭୁଲିଯାଇ ବିଷୟ ବାସନା ଉପରେ ଆଧାରିତ କୃତ୍ରିମ ଜୀବନ ଯାପନ କରୁଛି । ରାଷ୍ଟ୍ରର କଲ୍ୟାଣ ନିମନ୍ତେ ଶିକ୍ଷାର ପ୍ରୟୋଗ ହେବା ଉଚିତ । ଶିକ୍ଷା ମାଧ୍ୟମରେ ଉପଲବ୍ଧ ଜ୍ଞାନ ସମାଜର କଲ୍ୟାଣ ନିମନ୍ତେ ନିଃସ୍ୱାର୍ଥପର ଭାବରେ ନିୟୋଗ ଲଗାଯିବା ଉଚିତ । ଛାତ୍ରମାନଙ୍କ ମଧ୍ୟରେ ଏହିପରି ମନୋଭାବ ବିକଶିତ କରିପାରୁ ହେଲେ ସେମାନେ ଉତମ ଗୁଣାବଳୀର ଅନୁଶୀଳନ କରିବା ଉଚିତ । କେବଳ ଉତମ ଚରିତ୍ରଶ୍ରମ୍ପନ୍ନ ଛାତ୍ରର ମାତୃଭୂମି ପ୍ରତି ପ୍ରେମ ଓ ସମାଜକଲ୍ୟାଣ ପାଇଁ ଚିନ୍ତା ରହିବ । ଶିକ୍ଷା ବିଶ୍ୱକଲ୍ୟାଣ ପାଇଁ ଉତ୍ସର୍ଗିତ ହେବା ଉଚିତ । ଛାତ୍ରଠାରେ ଉତମ ଗୁଣାବଳୀ ରହିଲେ ହିଁ ସେ ଜାତୀୟ ନିର୍ଭାପରା, ସମୃଦ୍ଧି ଓ କଲ୍ୟାଣ ଏବଂ ରାଷ୍ଟ୍ରର ଉନ୍ନତି ଓ ମାନବଜାତି ପ୍ରତି ପ୍ରେମ ପାଇଁ କାମ କରିପାରିବ । ଅତଏବ ମନୁଷ୍ୟାଙ୍କୁ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବୋଲି ପ୍ରତ୍ୟେକ ବିଶ୍ୱାସ କରିବା ଉଚିତ । 'ହସ୍ତମ୍ବା ଭୂଷଣଂ ଦାନଂ ସତ୍ୟ କଣ୍ଠମ୍ବା ଭୂଷଣମ୍ । ଶ୍ରୋତ୍ରମ୍ବା ଭୂଷଣଂ ଶାସ୍ତ୍ର ଭୂଷଣୈଃ କିଂ ପ୍ରୟୋଜନମ୍ ।' କେବଳ ବିଦ୍ୟାରେ କୌଣସି ଫଳ ନାହିଁ । ରାବଣ ରାମଙ୍କ ପରି ବହୁ ବିଦ୍ୟା ଅଧ୍ୟୟନ କରିଥିଲା ।

ଏକାଧିକ ବ୍ୟାଙ୍କ ଆକାଉଂଟ ରହିଛି କି ?

॥ ଡକ୍ଟର ତପନ କୁମାର ପାଳ ॥

ମୋ କଲେଜ ପଢ଼ା ସମୟର ସାଙ୍ଗ 'ନରେନ୍ଦ୍ର' କଥା କହୁଛି । ତାହାର ଏକ ଭଲ ଅଭ୍ୟାସ ଥିଲା ତାଙ୍କଘରେ ବ୍ୟତୀତ ସେ ସମୟରେ ଯେତେ ସବୁ ଛୋଟବଡ଼ ବ୍ୟାଙ୍କ ଥିଲା, ସେ ପ୍ରାୟତଃ ଆଉଘର ସହିତ ସବୁ ବ୍ୟାଙ୍କରେ ନିଜର ଆକାଉଂଟ ଖୋଲୁଥିଲା । ଆମ ସମୟରେ ବ୍ୟାଙ୍କ ପାସବୁକ ଖୋଲିବା ପାଇଁ ଏତେ ଜଟିଳ ପ୍ରକ୍ରିୟା ନଥିଲା । କଲେଜ ଆଡମିଶଂଟି କାର୍ଡ଼ ଥିଲା ପରିଚୟ ପତ୍ର ଆଉ ପଚାଶ ଟଙ୍କା ଦେଖିଲେ ମଧ୍ୟ ସର୍ବନିମ୍ନ ଭାବରେ ବ୍ୟାଙ୍କରେ ଖାତା ଖୋଲି ଦେବା ସମ୍ଭବପର ଥିଲା । ବର୍ତମାନ କିନ୍ତୁ ରିଜର୍ଭ ବ୍ୟାଙ୍କର ଗାଇଡ଼ ଲାଇନ ଅନୁଯାୟୀ ଏକ ଜାତୀୟ କରଣ ବ୍ୟାଙ୍କରେ ଆକାଉଂଟ ଖୋଲିବା ପାଇଁ ଅନେକ ସର୍ତ୍ତାବଳୀ ଓ ଜରୁରୀ କାଗଜପତ୍ରର ଆବଶ୍ୟକତା ରହିଛି । ତେବେ ମୋର ଆଜିର ଆଲୋଚନାଟି ହେଉଛି ଜଣେ ଭିନ୍ନ ଭିନ୍ନ ବ୍ୟାଙ୍କରେ ନିଜ ଆକାଉଂଟ ଖୋଲିବା କେତେ ଭଲ ? କେତେ ମନ୍ଦ ?

ଅର୍ଥ ବିଶେଷଜ୍ଞମାନେ ଗୋଟିଏ ସୁନ୍ଦର ପରାମର୍ଶ ଦିଅନ୍ତି । ସେମାନେ ସବୁଦେବେ ଲୋକଟିଏ କଥା କୁହନ୍ତି ଯେ ଜଣେ ନିଜର ସମସ୍ତ ପୁଞ୍ଜି ବା ସଂଚୟ ଗୋଟିଏ ସ୍ଥାନରେ ଏକତ୍ର କରନ୍ତୁ । ଦିନ ଥିଲା ଲୋକମାନେ ବ୍ୟାଙ୍କରେ ଆକାଉଂଟ ଖୋଲୁଥିଲେ ତାହା ପୁଣି ସେମାନଙ୍କର ବିଶ୍ୱାସ ଓ ଭରସା ତଥା ଆସ୍ଥାପାଖର ଯୋଗାଯୋଗ ବ୍ୟବସ୍ଥାକୁ ଦେଖି ହେଲେ ବର୍ତମାନ ଆଉ ସେ ସମୟ ନାହିଁ । ଅଧିକାଂଶ ଲୋକଙ୍କ ଭିନ୍ନ ଭିନ୍ନ ବ୍ୟାଙ୍କରେ ଆକାଉଂଟ ରହିଛି । ତେବେ ଏକାଧିକ ଆକାଉଂଟ ବ୍ୟବସ୍ଥା ବା ବିଭିନ୍ନ ବ୍ୟାଙ୍କରେ ପାସବୁକ ଖୋଲିବା ପାଇଁ ଏତେ ଜଟିଳ ପ୍ରକ୍ରିୟା ନଥିଲା । କଲେଜ ଆଡମିଶଂଟି କାର୍ଡ଼ ଥିଲା ପରିଚୟ ପତ୍ର ଆଉ ପଚାଶ ଟଙ୍କା ଦେଖିଲେ ମଧ୍ୟ ସର୍ବନିମ୍ନ ଭାବରେ ବ୍ୟାଙ୍କରେ ଖାତା ଖୋଲି ଦେବା ସମ୍ଭବପର ଥିଲା । ବର୍ତମାନ କିନ୍ତୁ ରିଜର୍ଭ ବ୍ୟାଙ୍କର ଗାଇଡ଼ ଲାଇନ ଅନୁଯାୟୀ ଏକ ଜାତୀୟ କରଣ ବ୍ୟାଙ୍କରେ ଆକାଉଂଟ ଖୋଲିବା ପାଇଁ ଅନେକ ସର୍ତ୍ତାବଳୀ ଓ ଜରୁରୀ କାଗଜପତ୍ରର ଆବଶ୍ୟକତା ରହିଛି । ତେବେ ମୋର ଆଜିର ଆଲୋଚନାଟି ହେଉଛି ଜଣେ ଭିନ୍ନ ଭିନ୍ନ ବ୍ୟାଙ୍କରେ ନିଜ ଆକାଉଂଟ ଖୋଲିବା କେତେ ଭଲ ? କେତେ ମନ୍ଦ ?

ଅର୍ଥ ବିଶେଷଜ୍ଞମାନେ ଗୋଟିଏ ସୁନ୍ଦର ପରାମର୍ଶ ଦିଅନ୍ତି । ସେମାନେ ସବୁଦେବେ ଲୋକଟିଏ କଥା କୁହନ୍ତି ଯେ ଜଣେ ନିଜର ସମସ୍ତ ପୁଞ୍ଜି ବା ସଂଚୟ ଗୋଟିଏ ସ୍ଥାନରେ ଏକତ୍ର କରନ୍ତୁ । ଦିନ ଥିଲା ଲୋକମାନେ ବ୍ୟାଙ୍କରେ ଆକାଉଂଟ ଖୋଲୁଥିଲେ ତାହା ପୁଣି ସେମାନଙ୍କର ବିଶ୍ୱାସ ଓ ଭରସା ତଥା ଆସ୍ଥାପାଖର ଯୋଗାଯୋଗ ବ୍ୟବସ୍ଥାକୁ ଦେଖି ହେଲେ ବର୍ତମାନ ଆଉ ସେ ସମୟ ନାହିଁ । ଅଧିକାଂଶ ଲୋକଙ୍କ ଭିନ୍ନ ଭିନ୍ନ ବ୍ୟାଙ୍କରେ ଆକାଉଂଟ ରହିଛି । ତେବେ ଏକାଧିକ ଆକାଉଂଟ ବ୍ୟବସ୍ଥା ବା ବିଭିନ୍ନ ବ୍ୟାଙ୍କରେ ପାସବୁକ ଖୋଲିବା ସହଜ ଓ ଲାଭଦାୟକ କିଛି ସମ୍ପର୍କରେ କିଛି ଲେଖୁଛୁ । ପ୍ରଥମତଃ ଜଣେ ଭିନ୍ନ ଭିନ୍ନ ବ୍ୟାଙ୍କରେ ସେରିଭିଂ ଆକାଉଂଟ ଖୋଲିଲେ ଟଙ୍କାର ଜଟିଳ ଓ ଯଥାର୍ଥ ଉପଯୋଗ ହୋଇପାରିବ । ଧରନ୍ତୁ ଜଣେ ତାଙ୍କ ଆୟର ନିର୍ଦ୍ଦିଷ୍ଟ ଭାଗ ସରକାର କିଣା ଠାରୁ ଘରଭଡ଼ା ଏପରିକି ଦୈନନ୍ଦିନ ଖର୍ଚ୍ଚର କାରବାର ପାଇଁ ଗୋଟିଏ ଜମା ଖାତା ବ୍ୟବହାର କରିପାରିବେ । ଅନ୍ୟ ବ୍ୟାଙ୍କର ଆକାଉଂଟ ଆପଣଙ୍କର କେବଳ ସଂଚୟ ପାଇଁ ବ୍ୟବସ୍ଥା କରନ୍ତୁ ଯାହାଦ୍ୱାରା ଜଣେ ବେଶ ଭଲ ଭାବେ ବୁଝି ପାରିବ ଏବଂ ବାସ୍ତବରେ ତାଙ୍କର କେତେ ଖର୍ଚ୍ଚ ହେଉଛି ? ତା ଭିତରୁ ବଦ୍ ଖର୍ଚ୍ଚ କେତେ ?

ତେଲ ଲୁଣ ଗୁଳୁଗାଣ ଭିତରେ ଅନେକଙ୍କର ଅନେକ ସମୟରେ ଜରୁରୀ ଅର୍ଥ ଦରକାର ପଡ଼ିଥାଏ । ଦୁର୍ଘଟଣା ହେଉ ବା ଆକସ୍ମିକ ଖର୍ଚ୍ଚ । ରୋଜିଗାର ହେଉ ବା ପର୍ଦ୍ଦପର୍ଦ୍ଦାଣୀ, ଏ ସବୁ ଅପ୍ରତ୍ୟାଶିତ ଖର୍ଚ୍ଚ ପାଇଁ ବିଭିନ୍ନ ଆକାଉଂଟରେ ଅଟ୍ଟା ସଂଚୟ ଅର୍ଥ ଜରୁରୀ କାଳୀନ ପାଣି ସୁରକ୍ଷା କରିବ ପରି କାମ କରେ । ଏହା ଆପଣଙ୍କର ଜରୁରୀ କାଳୀନ ଖର୍ଚ୍ଚକୁ ସମ୍ଭାଳି ପାରିଥାଏ କାରଣ ଏକ ପୃଥକ ଆକାଉଂଟରେ ଅର୍ଥ ରହିବା ଦ୍ୱାରା ଲୋକମାନେ ଅନ୍ୟ ଖର୍ଚ୍ଚରୁ ଅଲଗା ରହିପାରନ୍ତି । ଜଣେ ଆର୍ଥିକ କାରବାର ଜରୁରୀ କାଳୀନ ଖର୍ଚ୍ଚକୁ ସମ୍ଭାଳି ପାରିଥାଏ କାରଣ ଏକ ପୃଥକ ଆକାଉଂଟରେ ଅର୍ଥ ରହିବା ଦ୍ୱାରା ଲୋକମାନେ ଅନ୍ୟ ଖର୍ଚ୍ଚରୁ ଅଲଗା ରହିପାରନ୍ତି । ଜଣେ ଆର୍ଥିକ କାରବାର ପାଇଁ ଏହି ସମୟରେ ବଡ଼ କଷ୍ଟ ଅନୁଭବ କରିଥାଏ କିନ୍ତୁ ଏକାଧିକ ଆକାଉଂଟ ଏହିପରି ସମୟରେ ଆପଣଙ୍କର ସମସ୍ତ ଅସୁବିଧାକୁ ସୁବିଧାଜନକ କରିପାରେ । କାରଣ ସବୁ ବ୍ୟାଙ୍କିଂ ବ୍ୟବସ୍ଥାରେ ସମାନ ସମୟରେ ଟେକ୍ନୋଲୋଜି ବିଭାଗ ବା ସର୍ଭର ସମସ୍ୟା ପ୍ରାୟତଃ ଉଦିନଥାଏ ।

ହଁ, କେହି କେହି ଏକାଧିକ ଆକାଉଂଟ ଖୋଲିବା ପାଇଁ କ'ଣ କ'ଣ ସବୁ ଜରୁରୀ ଆବଶ୍ୟକତା ତାହା ଉପରେ ପ୍ରଶ୍ନ ପଚାରନ୍ତୁ । ତେବେ ଜଣଙ୍କର କୌଣସି ଏକ ନିର୍ଦ୍ଦିଷ୍ଟ ବ୍ୟାଙ୍କରେ ଆକାଉଂଟ ଥିଲେ ପରବର୍ତୀ ସମୟରେ ଏକାଧିକ ବ୍ୟାଙ୍କରେ ଆକାଉଂଟ ଖୋଲିବା ପାଇଁ ସେମିତି କିଛି ସର୍ତ୍ତାବଳୀ ବା ନିୟମାବଳୀ ନାହିଁ । ତେବେ ଆପଣ ଖୋଲୁଥିବା ଆକାଉଂଟର ସଂପୃକ୍ତ ବ୍ୟାଙ୍କ କିଛି ଛୋଟିଆ ନିୟମାବଳୀ ରଖିପାରିବେ । ଅତର ବର୍ଷ ବୟସରେ ଜଣେ ପଢ଼ଂଚୁବା ପରେ ସାଧାରଣ ଜଣେ ବ୍ୟାଙ୍କରେ ଆକାଉଂଟ ଖୋଲିପାରିବେ । ନାବାଳକ ହୋଇଥିଲେ ବାପା - ମାଆ କିମ୍ବା ଅଭିଭାବକ ଦ୍ୱାରା ଆକାଉଂଟରେ ଦେଣନେଣ ବ୍ୟବସ୍ଥା ସମ୍ଭବ ହୋଇଥାଏ । ଏକାଧିକ ବ୍ୟାଙ୍କ ଆକାଉଂଟ ଖୋଲିବାର ଅନ୍ୟତମ ଯୋଗ୍ୟତା ହେଉଛି ଆପଣ ଭାରତର ନାଗରିକ ହୋଇଥିବେ ବା ଜଣେ ପ୍ରବାସୀ ଭାରତୀୟ ହୋଇଥିବେ । ସେହିପରି ଭାରତୀୟ ଜିଙ୍କର୍ଣ୍ଣ ବ୍ୟାଙ୍କର ସମସ୍ତ ଲେଖାଲିସି ନିର୍ଦ୍ଦେଶାବଳୀକୁ ପାଳନ କରିବା ଦିଏଏ ।

ଏକାଧିକ ବ୍ୟାଙ୍କ ଆକାଉଂଟ ଖୋଲିବା ନେଇ ଅନେକ ପ୍ରଶ୍ନ ମୋତେ ଅନେକ ଲୋକ ପଚାରି ଆନ୍ତି । ଯେତେବା ବ୍ୟାଙ୍କରେ ଆପଣ ପାସବୁକ୍ ଖୋଲି ପାରୁଛନ୍ତି ତାହା ବଡ଼ କଥା ନୁହେଁ । ସବୁଠାରୁ ବଡ଼ କଥା ହେଉଛି ଆପଣ ଆପଣଙ୍କ ରୋଜଗାର ଓ ଖର୍ଚ୍ଚକୁ ଦେଖି ଏକ ବ୍ୟକ୍ତିଗତ ବଜେଟ ତିଆରି କରନ୍ତୁ । ଯେତେ ରୋଜଗାର ? ଯେତେ ଖର୍ଚ୍ଚ ? ଯେତେ ସଂଚୟ ? ଏସବୁକୁ ଭଲ ଭାବେ ଦୃଷ୍ଟିରେ ରଖି ଆକାଉଂଟ ଖୋଲିବା ପାଇଁ ମନ ଦିଅନ୍ତୁ । କାରଣ ଅନେକ ବ୍ୟାଙ୍କରେ ଆକାଉଂଟ ଖୋଲି ଦେବ ଏଥିରେ କାରବାର ବ୍ୟବସ୍ଥା ଜାରି ନରଖିଲେ ପରବର୍ତୀ ସମୟରେ ବ୍ୟାଙ୍କ ଆକାଉଂଟ ପରିଚାଳନା କରିବା ଅସୁବିଧା ଜନକ ହୋଇପାରେ । କେବଳ ସେତିକି ନୁହେଁ ଆପଣ ଯଦି ବେଶି ଆକାଉଂଟରେ କୌଣସି କାରବାର

ଡାକ୍ତରଙ୍କୁ ନ ପଚାରି ନାକ କିମ୍ବା କାନରେ ଔଷଧ ପକାଇବା ଅନୁଚିତ

॥ ନାରାୟଣ ଚନ୍ଦ୍ର ବିଶ୍ୱାଳ ॥

ଆଜିକାଲି କାନ ପାଚିବା ଓ ପୂଜ ବାହାରି ଯନ୍ତ୍ରଣା ହେବାଭଳି ସମସ୍ୟା ଦେଖା ଦେଉଛି । ବିଶେଷକରି ଖରାଦିନେ ଏହି ସମସ୍ୟା ଦୁଇଗୁଣିତ ହୋଇଯାଏ । ଆସନ୍ତୁ ଜାଣିବା ଏହାର ପଛରେ ରହିଥିବା କାରଣଟି କ'ଣ ? ଏବଂ ଏହାର ପ୍ରାଥମିକ ଚିକିତ୍ସା ପଦ୍ଧତି କେଉଁ ଭାବରେ କରାଯାଇଥାଏ ? ଶିଶୁଙ୍କଠାରୁ ନେଇ କିଶୋର ବୟସ ପର୍ଯ୍ୟନ୍ତ ପିଲାଙ୍କର କାନ ପାଚିବା ଓ ପୂଜ ହୋଇ ଯନ୍ତ୍ରଣା ହେବା ଦେଖାଯାଏ । ପ୍ରାୟ ବୟସ୍କ ଲୋକଙ୍କ ଠାରେ ମଧ୍ୟ ଏହି ରୋଗ ଦେଖା ଯାଇଥାଏ । ଏହାର ବିଭିନ୍ନ କାରଣ ରହିଛି । ଗାଧୋଇବା ସମୟରେ ଅସାବଧାନତା ହେତୁ କାନରେ ପାଣି ପଶିଯିବା ଓ ଅନ୍ୟାନ୍ୟ ସଂକ୍ରମଣ କାରଣରୁ ଏହି ରୋଗ ହୋଇଥାଏ । ଅଣ୍ଡା ଜନିତ କାରଣରୁ ମଧ୍ୟ କାନଦିଆ ହୋଇଥାଏ । ତେବେ ଏହି ଯନ୍ତ୍ରଣାର ପ୍ରକୃଷ୍ଟ ଚିକିତ୍ସା ନ ହେଲେ ଧୀରେ ଧୀରେ ଶ୍ରବଣଶକ୍ତି ହ୍ରାସ ପାଏ । ଡାକ୍ତରଙ୍କ ବିନା ପରାମର୍ଶରେ କାନ କିମ୍ବା କାନରେ ଔଷଧ ପକାଇବା ଅନୁଚିତ ।

ସେହିପରି ଅନେକ ସମୟରେ ବିଶେଷଜ୍ଞରି ପିଲାମାନଙ୍କର ଥ୍ରୋଟ ଇନଫେକ୍ସନ ହୋଇଥାଏ । ଅନେକ ଲୋକ ଇଏନଟି ବିଶେଷଜ୍ଞଙ୍କ ପରାମର୍ଶ ନ ନେଇ ମନଇଚ୍ଛା ଆଂଟିବାୟୋଟିକ ବ୍ୟବହାର କରିଥାନ୍ତି । ଏଥିରେ ଅନେକ ବିପଦ ଯେ ଲାଗିଛି ସେମାନେ ଜାଣି ପାରି ନଥାନ୍ତି । ପରବର୍ତୀ ସମୟରେ ଏହା ପରିପାର୍ଶ୍ୱିକ କ୍ଷତି କରିବା ପରେ ଲୋକମାନଙ୍କ ପାଖରେ ଉନ୍ନତ ଚିକିତ୍ସା ପାଇଁ ସମୟ ଦେବ ବିଳମ୍ବ ହୋଇଯାଇଥାଏ । କୌଣସି ରୋଗରେ ଆଂଟିବାୟୋଟିକ, ଆଂଟି ଆଲର୍ଜି କିମ୍ବା ଅନ୍ୟ କୌଣସି ଔଷଧ ଡାକ୍ତରଙ୍କ ପରାମର୍ଶ ବିନା ଖାଇବା ଅନୁଚିତ । ପ୍ରତ୍ୟେକ ଔଷଧର ପାର୍ଶ୍ୱ ପ୍ରତିକ୍ରିୟାର ରହିଛି । ଡଂଟି ବଦଳି ହେଲେ ପ୍ରଥମେ ଜଖମ୍ବ ଲୁଣ ପାଣି ଗଡ଼ଗଡ଼ ଗାର୍ଗଲିଂ କରିବା ସହ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ । ବିଜିନ୍ସ ସମୟରେ ଛତୁ ଭଳି କେତେକ ପନିପରିବା ଡଂଟିରେ ଫଙ୍ଗାଲ ଇନଫେକସନ କରିଥାଏ । ସେତେବେଳେ ଯଦି ରୋଗୀ ଆଂଟି ବାୟୋଟିକ ଖାଇବେବେ ତେବେ ତାହା ବିପଜ୍ଜନକ ହୋଇପାରେ । ଡଂଟି ବଦଳ ହେବାର କାରଣ ସବୁବେଳେ ଅଣ୍ଡା ସର୍ଦ୍ଦି ରୋଗ ନୁହେଁ ।

ଅନେକ ସମୟରେ ଆମକୁ ହେବରେ ଅଣ୍ଡା ଅନୁକୂଳ ହୁଏ ଏବଂ ଡାକ୍ତରୀ ପରାମର୍ଶ କରିବା ପରେ ନାକର ହାଡ଼ ବଢ଼ିଥାଏ ବୋଲି ଡାକ୍ତର ପରାମର୍ଶ ଦେଇଥାନ୍ତି । ତେବେ ଏ ସମୟରେ ଆପଣଙ୍କ ପାଇଁ କ'ଣ କ'ଣ ସବୁ କର୍ତବ୍ୟ ରହିଛି ତାହା ଉଲ୍ଲେଖ କରୁଛୁ । ଦେଖନ୍ତୁ ବହୁବିଧ ଅଣ୍ଡା ଲାଗି ରହିବା ବିଜିନ୍ସ କାରଣ ହୋଇଥାଏ । ଆଜିକି ଯଦିବି ଏକ କାରଣ କିନ୍ତୁ ଡାକ୍ତର ରୋଗୀକୁ ନ ଦେଖେବା ପର୍ଯ୍ୟନ୍ତ କୌଣସି ଅନୁମାନ ଲଗାଯାଇ ପାରିବ ନାହିଁ । ଯଦି ନାକରେ ହାଡ଼ ବଢ଼ିଥାଏ ତେବେ ଜଣେ ନାସା ଗଳା କର୍ଣ୍ଣ ବିଶେଷଜ୍ଞଙ୍କ ଡାକ୍ତର ଦେଖିବା ପରେ ଚିକିତ୍ସା କରାଯାଇଥାଏ ।

ସେହିପରି କେହି କେହି ପ୍ରଶ୍ନ କରନ୍ତି ଯେ ଇଏନଟି ସମ୍ବନ୍ଧିତ ବିଶେଷଜ୍ଞରି ବେକ ଅସ୍ତ୍ରୋପଚାର କେତେ ନିରାପଦ ? ଅସ୍ତ୍ରୋପଚାର ବା ସର୍ଜରି ସବୁବେଳେ ରୋଗୀକୁ ଉପକାର କରିଥାଏ । ତେବେ ଆଜିକାଲି ପ୍ରାୟତଃ ଏହିସବୁ ଚିକିତ୍ସା ପାଇଁ ଏନଡୋସ୍କୋପିକ ଓ ରୋବଟିକ ସର୍ଜରୀ ହେଉଛି । ଏହା ଖୁବ କମ ସମୟ ନେଇଥାଏ ଓ ରୋଗୀ ଶୀଘ୍ର ସୁସ୍ଥ ହୋଇଥାଏ ।

ଗୋଟିଏ କଥା ଭଲ ଭାବରେ ମନେ ରଖନ୍ତୁ କୌଣସି ପ୍ରକାର ଶାରୀରିକ ସମସ୍ୟା ବିଶେଷରି ଇଏନଟି ପରି ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗର ଜଟିଳତା ଦେଖାଦେଲେ ନିଜସ୍ତ ସରକାରୀ ଡାକ୍ତରଖାନା ବା ଡାକ୍ତରଖାନାର ଇଏନଟି ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ଖରାଦିନେ ବେଳେ ବେଳେ ନାକ ଓ କାନ ଅସ୍ୱାଭାବିକ ପରି ଅନୁଭୂତ ହୋଇଥାଏ । କେତେକଙ୍କର ଲଗାତାର ଛିଙ୍କ ହୋଇଥାଏ ତ କେତେ ଖେତ୍ରରେ କାନ ଜାଣି ଥାଏ ବା କାନ ଭିତରେ କ'ଣ ଗୋଟିଏ ରହିଗଲା ପରି ଅନୁଭୂତ ହୁଏ । ତେଣୁ ସର୍ବପ୍ରଥମେ ବିଶେଷଜ୍ଞଙ୍କ ପରାମର୍ଶ ଅତ୍ୟନ୍ତ ଜରୁରୀ । ଖରା ଦିନରେ ନଦୀ ବା ଜଳାଶୟର

ଦୈନିକ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୨୨ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ଓସଡ଼ାମା ମୁଖ୍ୟ ପରିଚାଳକଙ୍କ ବାତ୍ୟା ଆଶ୍ରୟସ୍ଥଳୀ ଗସ୍ତ

ରାୟଗଡ଼ା, ୨୧/୦୫(ଆ.ପ୍ର) : ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଆୟୋଗର ମୁଖ୍ୟ ପରିଚାଳକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ବୁଧବାର ରାୟଗଡ଼ ଜିଲ୍ଲା ଗସ୍ତ କରିଛନ୍ତି । ଅପରାହ୍ନରେ ରାୟଗଡ଼ୁ ବ୍ଲକ ପରିସରରେ ସମସ୍ତ କର୍ମଚାରୀଙ୍କ ସହ ଆଲୋଚନା କରି ବିପର୍ଯ୍ୟୟ ପରିଚାଳନା ନିମନ୍ତେ ପ୍ରାକ୍ ପ୍ରସ୍ତୁତିର ସମୀକ୍ଷା କରିଥିଲେ । ବ୍ଲକ ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା ସହ ବିଭିନ୍ନ ବିଭାଗୀୟ ତଥ୍ୟ, ବ୍ଲକ କଂଟ୍ରୋଲ ରୁମ୍, ଗ୍ରାମ ସଂଗାୟତ ମୋବାଇଲ ଅଧିକାରୀ, ଗ୍ରାମ ସ୍ତରୀୟ ଟାସ୍କ ଫୋର୍ସ ଗଠନ ଆଦିର ଆଲୋଚନା କରିଥିଲେ । ପରେ ଶେଷଖାର ସ୍ଥିତ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରି ବିଭିନ୍ନ ଉପକରଣ ଗୁଡ଼ିକର କାର୍ଯ୍ୟକାରିତା ତଦାରୁ କରିଥିଲେ । ବିପର୍ଯ୍ୟୟ ପରିଚାଳନା କମିଟି ସଦସ୍ୟଙ୍କ ସହ ତାହାର ପରିଚାଳନା ବିଷୟରେ ଆଲୋଚନା କରିଥିଲେ । ଆଶ୍ରୟସ୍ଥଳୀ ପରିସର ସଫାସୁତରା ରଖିବା ସହ ଆବଶ୍ୟକ ମରାମତି ବର୍ଷା ଦିନ ଆସିବା ପୂର୍ବରୁ ଶେଷ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ପରିଦର୍ଶନ ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ଡେପୁଟି କଲେକ୍ଟର କଳିଙ୍ଗ କୁମାର ପୂଜାରୀ, ଏଡିଡିଓ କାଳୁ ଚରଣ ନାୟକ, ଯଜ୍ଞୀ ଦିପ୍ତୀ ରଞ୍ଜନ ଦେବେରା, ଓସଡ଼ମା ଜିଲ୍ଲା ପ୍ରଜାଳ ଅଧିକାରୀ ପ୍ରବୋଧ ରଞ୍ଜନ ଦେବେରା, ଅତିରିକ୍ତ ତହସିଲଦାର ଶ୍ରୀମନ୍ତ ସାହୁ, ବାତ୍ୟା ଆଶ୍ରୟସ୍ଥଳୀ ସମ୍ପାଦକ ସୁଧୀର କୁମାର ପାଣ୍ଡା, ନିର୍ବାହୀ ଅଧିକାରୀ ମନୋଜ କିଲାକାରା, ଏଡିଇଓ ପ୍ରଫୁଲ୍ଲ ହିଆଳ, ଜିଆରଏସ ଆପାଳସ୍ୱାମି ଯିଲାକାରା ଓ ନିର୍ଦ୍ଦେଶକ ମିଶ୍ର ସମେତ ସମସ୍ତ କମିଟି ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ଆଗାମୀ ବର୍ଷା ଦିନ ନିମନ୍ତେ ରାୟଗଡ଼ ବ୍ଲକ ତରଫରୁ ପୂର୍ବ ପ୍ରସ୍ତୁତିରେ ମୁଖ୍ୟ ପରିଚାଳକ ଶ୍ରୀଆଚାର୍ଯ୍ୟ ସନ୍ତୋଷ ପ୍ରକାଶ କରିବା ସହ ବାତ୍ୟା ଆଶ୍ରୟସ୍ଥଳୀ କମିଟିକୁ ଅଧିକ ସକ୍ରୀୟ ଯୋଗଦାନ ନିମନ୍ତେ ଉତ୍ସାହିତ କରିଥିଲେ । ଗୁଳୁଗାଦିନ ଦିକ୍ଷମକଟକ ବ୍ଲକର ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କାର୍ଯ୍ୟକ୍ରମ ଥିବା ଜଣାପଡ଼ିଛି ।

୨୪ତମ ଜାତୀୟ ଲୋକମେଳା ଓ ୧୭ତମ ଜାତୀୟ କୃଷି ମେଳା ୨୦୨୬ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ

ପୁରୀ, ୨୧/୦୫(ଆ.ପ୍ର) : ଶ୍ରୀ ଶ୍ରୀକ୍ଷେତ୍ର ସୂଚନା,ପୁରୀଙ୍କ ଆନୁକୂଲ୍ୟରେ ପବିତ୍ର ମହୋତ୍ସବ ବୃଶ୍ଚାର ବେଳାଭୂମିରେ ଜୁନ ୦୧ ତାରିଖରୁ ୦୫ ତାରିଖ ପର୍ଯ୍ୟନ୍ତ, ପାଂଚଦିନ ଧରି ଅନୁଷ୍ଠିତ ହେବ ଚତୁର୍ଦ୍ଦଶ ଜାତୀୟ ଲୋକମେଳା ଓ ସପ୍ତଦଶ କୃଷି ମେଳା । ଏ ଅବସରରେ ଭାରତବର୍ଷର ପ୍ରାୟ ସମସ୍ତ ରାଜ୍ୟ ସରକାର ମାନଙ୍କ ଦ୍ୱାରା ପ୍ରେରିତ ଲୋକକଳା ସାଂସ୍କୃତିକ ଦଳମାନେ ନିଜ ନିଜ ରାଜ୍ୟର ଲୋକକଳା ଏଠାରେ ପ୍ରଦର୍ଶନ କରିବେ । ଏଥିପାଇଁ ଭାରତବର୍ଷ ର କୋଲକାତା, ବିମାପୁର, ପ୍ରୟାଗରାଜ, ପାଟିଆଲା, ଉଦୟପୁର, ନାଗପୁର ତଥା ରାଞ୍ଚାଭୁରସ୍ଥିତ ସାଂସ୍କୃତିକ ମଣ୍ଡଳ କେନ୍ଦ୍ର ଗୁଡ଼ିକ ସେମାନଙ୍କ ସହଯୋଗର ହାତ ବଢ଼ାଇ ଅଛନ୍ତି । ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଲୋଙ୍କ ଅଧ୍ୟକ୍ଷତାରେ ୨୪ ତମ ଲୋକମେଳା ୨୦୨୬ ଓ ୧୭ ତମ କୃଷି ମେଳା ୨୦୨୬ ପାଇଁ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ନେଇ ଏକ ସମନ୍ୱୟ ବୈଠକ ସ୍ଥାନୀୟ ସର୍କିଟ ହାଉସ ସଞ୍ଜିନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଏହି ସମନ୍ୱୟ ବୈଠକରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନାର ଅଧ୍ୟକ୍ଷ ଆଚାର୍ଯ୍ୟ ହରେକୃଷ୍ଣ ଶତପଥୀ ଓ ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି ଆସନ୍ତା ଜୁନ୍ ୧ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୨୪ ତମ ଜାତୀୟସ୍ତରୀୟ ଲୋକମେଳା ଓ ୧୭ ତମ କୃଷି ମେଳା ସମ୍ପର୍କ ରେ ସବିଶେଷ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ସୁପୁର ଜଳୁ ଲାଶ୍ମାର ଠାରୁ ଆରମ୍ଭ କରି ଲଭ୍ୟଦ୍ୱିପ ପର୍ଯ୍ୟନ୍ତ , ଗୁଜରାଟ ଠାରୁ ଆରମ୍ଭ କରି ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ସମସ୍ତ ଭାରତ ବର୍ଷର ବିଭିନ୍ନ ରାଜ୍ୟରୁ ୨୫ ଗୋଟି ୫୦୦ କଳାକାର ଯୋଗ ଦେବାର କାର୍ଯ୍ୟକ୍ରମ ରହିଅଛି । ଏହା ସହିତ ଏକ ଜାତୀୟ ସ୍ତରୀୟ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହେଉଛି । ଏହି ପ୍ରଦର୍ଶନୀରେ ଭାରତୀୟ ରେଳ ବିଭାଗ, ଗୁଜରାଟ ସରକାରଙ୍କ ଜଳସମ୍ପଦ ତଥା ବୟନ ନିଗମ, ଜାତୀୟ ବହି ବୋର୍ଡ, ଜାତୀୟ ଝୋଟ ବୋର୍ଡ, ଜାତୀୟ ଲତା ବୋର୍ଡ , ଟ୍ରାଇଫେଡ, ହସ୍ତତନ୍ତ ନିର୍ଦ୍ଦେଶାଳୟ ଓଡ଼ିଶା ସରକାର, ଗୃହ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ନିର୍ଦ୍ଦେଶାଳୟ ଓଡ଼ିଶା ସରକାର, ବୟନ ନିର୍ଦ୍ଦେଶାଳୟ ଓଡ଼ିଶା ସରକାର ଯୋଗ ଦେବାର କାର୍ଯ୍ୟକ୍ରମ ରହି ଅଛି । ଠିକ ସେହିପରି ଜାତୀୟ ସ୍ତରୀୟ କୃଷି ପ୍ରଦର୍ଶନୀ ରେ ଭାରତ ସରକାରଙ୍କର ବୈଜ୍ଞାନିକ ଏବଂ ଶିଳ୍ପ ଗବେଷଣା ପରିଷଦ, ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ଭାରତ ସରକାରଙ୍କ ଜୈବିକ ବିଜ୍ଞାନ ବିଭାଗ, ଜାତୀୟ ଉଦ୍ୟାନ ବୋର୍ଡ, ପୃଥିବୀ ବିଜ୍ଞାନ ମନ୍ତ୍ରାଳୟ , ଜାତୀୟ ମତ୍ସ୍ୟ ବୋର୍ଡ, ସିଫନେଟ, ଓଡ଼ିଶା ସରକାରଙ୍କ କୃଷି, ଉଦ୍ୟାନ , ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ , ସୁଦୂର ନାଗାଲାଣ୍ଡ ତଥା ମଣିପୁର ରାଜ୍ୟର ଉଦ୍ୟାନ ଓ କୃଷି ବିଭାଗ ଏହି କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଅଛି । ଏହି ବୁଲ ଜାତୀୟ ମହୋତ୍ସବକୁ ଅତିଥି ଭାବରେ ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ଓ ମନ୍ତ୍ରୀ ମଣ୍ଡଳର ବିଭିନ୍ନ ମନ୍ତ୍ରୀ ମାନଙ୍କୁ ଓ ସାଂସଦ ତଥା ବିଧାୟକମାନଙ୍କୁ ନିମନ୍ତ୍ରଣ କରାଯାଇଛି । ଏହି ବୈଠକ ପୁରୀ ମ୍ୟୁନିସିପାଲଟି କର୍ପୋରେସନର ଯୁଗ୍ମ କମିସନର ଅଜିନୟ ଦେବେରା, ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରନ୍ଦ୍ରା ଦେବିଶଙ୍କର ପ୍ରଭାତ , ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ଦେବେରା, ଉପ ନିର୍ଦ୍ଦେଶକ ହସ୍ତଶିଳ୍ପ ପୁରୀ ବିଶ୍ୱଜିତ ମାରାଣ୍ଡି, ବୟନ ନିରୀକ୍ଷକ ପ୍ରଶାନ୍ତ କୁମାର ନାମ, ସାଧାରଣ ପରିଚାଳକ ଜିଲ୍ଲା ଶିଳ୍ପ କେନ୍ଦ୍ର ମାନସ କୁମାର ବାରିକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଚନ୍ଦ୍ର ମୋହନ ଚାନ୍ଦ, ସହ କୃଷି ଅଧିକାରି ସ୍ୱାଗତିକା ପଟ୍ଟନାୟକ, ମୁଖ୍ୟ ପଶୁସମ୍ପଦ ଅଧିକାରୀ ଡ଼ଃ ଶରତ କୁମାର ବେହେରା, ଏଲଡିଏମ୍ ଅନିଲ କୁମାର ଭୋଲ, ଦେବୀ ଶୁଭଦ୍ରାଙ୍କ ମୁଖ୍ୟ ବାତ୍ତୁଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର, ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ଶ୍ରୀ ଜଗନ୍ନାଥ ମନ୍ଦିର ପୂଜାପଣ୍ଡା ନିଯୋଗ ସମ୍ପାଦକ ମାଧବଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ଡ଼ଃ ଲାଲ୍ଚର ମିଶ୍ର, ବରିଷ୍ଠ ଗାଡ଼ିକାର ଡ଼ଃ ବନ୍ଦି ମିଶ୍ର, ବରିଷ୍ଠ ସାମାଜସେବୀ ଚନ୍ଦ୍ରଭାନ୍ତ ମହାପାତ୍ର , ପୂର୍ବତନ ଜିଲ୍ଲା ଯୋଗାଣ ଅଧିକାରୀ ସନ୍ତୋଷ କୁମାର ମହାନ୍ତି, ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି, କୋଷାଧ୍ୟକ୍ଷ ମାରାୟଣ ପତ୍ର, ସଂଗଠନ ରମ୍ପାଦକ ସତ୍ୟଭ୍ରତ ଦାସ, ବରିଷ୍ଠ ଅଧ୍ୟାପକ ଡ଼ଃ ବିଶ୍ୱନାଥ ମିଶ୍ର, ଯୁଗ୍ମ ସମ୍ପାଦକ ବିଦ୍ରୋହ କେଶରୀ ସିଂହ , ଶିବସୁନ୍ଦର ମିଶ୍ର, ଭବାନୀ ଶଙ୍କର, ପୁଷ୍କର ସାହୁ, ପୂର୍ଣ୍ଣ ଚନ୍ଦ୍ର ଓଝା ଓ ଅନ୍ୟମାନେ ଯୋଗ ଦେଇଥିଲେ ।

ସିଆରଆରଆଇ ଜୈବସାର ପ୍ରୟୋଗ ଉପରେ କୃଷି ଉତ୍ପାଦକ କମ୍ପାନୀଙ୍କ ପକ୍ଷରୁ ଚାଷୀଙ୍କୁ ତାଲିମ କାର୍ଯ୍ୟକ୍ରମ

ଧାମନଗର, ୨୧/୦୫(ଆ.ପ୍ର) : ଧାମନଗର ବ୍ଲକ ଅଧିନସ୍ଥ ଗାଧାକଲୁପୁର ଫଂଚାୟତ ଅନ୍ତର୍ଗତ ଉଚ୍ଚଟିଆ ଉଚ୍ଚଜମାଣି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ସିଆରଆରଆଇ ଜୈବସାର ପ୍ରୟୋଗ ଉପରେ କୃଷି ଉତ୍ପାଦକ କମ୍ପାନୀଙ୍କ ପକ୍ଷରୁ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ଚାଷ ଜମିରେ ସାରର ସନ୍ତୁଳିତ ବ୍ୟବହାର ଓ ଜୈବସାର କିପରି ବ୍ୟବହାର କରାଯିବ ସେ ସମ୍ପର୍କରେ କମ୍ପାନୀ ତରଫରୁ ଚାଷୀମାନଙ୍କୁ ସଚେତନ କରିଥିଲେ । ଓଡିଶାର ଧାନ-ଆଧାରିତ ଫସଲ ଏବଂ କୃଷି ପ୍ରଣାଳୀ ପାଇଁ ଗୁଣାତ୍ମକ ଜୈବୋଇଲୋକୁଲାଂଟ ଉତ୍ପାଦନ ଲୋକପ୍ରିୟତା ଏବଂ ଯୋଗାଣ ପ୍ରକଳ୍ପ ସହ ଆଇସିଏଆର୍ ଓ ଡିଏଏଫ୍ଟ, ନୂଆଦିଲ୍ଲୀର 'ମେରା ଗାଁ ମେରା ଗୌରବ' କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ଶିବିର ଆୟୋଜିତ ହୋଇଥିଲା । ତାଲିମ ଶିବିରରେ ଚାଷୀମାନଙ୍କୁ ରାସାୟନିକ ସାର ଓ କୀଟନାଶକର ଅତ୍ୟଧିକ ବ୍ୟବହାର ଯୋଗୁଁ ମାଟିର ଉର୍ବରତା ହ୍ରାସ, ପରିବେଶ ପ୍ରଦୂଷଣ ଓ ସ୍ୱାସ୍ଥ୍ୟ ଜନିତ ସମସ୍ୟାର ସୂଚନା ଦିଆଯାଇଛି । ଏହାସହ ଜୈବସାର ଓ ଜୈବ କୀଟନାଶକ ବ୍ୟବହାର ମାଧ୍ୟମରେ ମାଟିର ସୁରକ୍ଷା, ଫସଲ ଉତ୍ପାଦନ ବୃଦ୍ଧି ଏବଂ କୃଷିର ସ୍ଥାୟୀ ଉନ୍ନତି ସମ୍ବନ୍ଧ ବୋଲି ବୈଜ୍ଞାନିକମାନେ ମତପ୍ରକାଶ କରିଥିଲେ । ୪୯ଏବଂ୪୮ ଆର ଧାମନଗର ଚାଷୀ ଉତ୍ପାଦକ କମ୍ପାନୀର ପ୍ରାୟ ୫୦ ଜଣ ପ୍ରଗତିଶୀଳ ଚାଷୀ ଏହି ତାଲିମ ଶିବିରରେ ଯୋଗ ଦେଇଥିଲେ । କଟକ ବିଦ୍ୟାଧରପୁର ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡକ୍ଟର ସୁଦୀପ୍ତ ପାଉଲ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଡକ୍ଟର ଜିତେନ୍ଦ୍ରିଆ ମୋହନ, ଡକ୍ଟର ଦେବବ୍ରତି ଲାଡ଼ୁଡ଼ୀ, ଡକ୍ଟର କୁଳୁବୁଦ୍ଦିନ ଅଲି ମୋଲ୍ଲା ଏବଂ ଡକ୍ଟର ଏମ୍ ଆନ୍ନାମଲାଇ ଯୋଗଦେଇ ଜଳବାୟୁ ସ୍ମାର୍ଟ ଧାନ କିସମ, ଫସଲ ଅବଶିଷ୍ଟ ପରିଚାଳନା, ଜୈବସାରର ସମ୍ଭାବନା, ପ୍ରାକୃତିକ ପଦ୍ଧତିରେ କୀଟ ଓ ରୋଗ ନିୟନ୍ତ୍ରଣ ସହ ପରିବେଶଗତ ଓ ଆର୍ଥିକ ସ୍ଥିରତା ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଂଚ ପ୍ରିତମ ଦାସ ଓ ସମାଜସେବୀ ହେମେନ୍ଦ୍ର ଖିଲାର ୪୯ଏବଂ୪୮ଆର ଧାମନଗର ଫାର୍ମର ପ୍ରତ୍ୟୁଷର କମ୍ପାନୀର ରଞ୍ଜିତ କୁମାର ପଣ୍ଡା ପ୍ରମୁଖ ଯୋଗଦେବେ ଚାଷୀମାନଙ୍କୁ ପ୍ରାକୃତିକ ଚାଷ ପ୍ରତି ଆଗ୍ରହୀ ହେବାକୁ ଆହ୍ୱାନ ଦେଇଥିଲେ । ଏଥିରେ କୃଷକ ବ୍ଲକ ସଂଯୋଜକ ସୁଶାନ୍ତ କୁମାର ଲେଙ୍କା, ବୈଷୟିକ କର୍ମଚାରୀ ସୁଶାନ୍ତ ମହାପାତ୍ର, ଅମିତ କୁମାର ମାଇତି,ସୁଚିତ କୁମାର ସାମଲ, ପ୍ରଦୀପ୍ତ ଦାସ ଓ ପ୍ରକଳ୍ପ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଅତ୍ୟଧିକ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ, ୧୧ଟାରୁ ୪ଟା ଯାଏ ଖାଁଖାଁ ଲାଗୁଛି ସହରାଂଚଳ

ଯାଜପୁର, ୨୧/୦୫(ଆ.ପ୍ର) : ଯାଜପୁର ସହର ଓ ବ୍ଲକମାନଙ୍କରେ ପୂର୍ବାହ୍ନ ୧୧ ଟାରୁ ଅପରାହ୍ନ ୪ଟା ଯାଏ ତାପମାତ୍ରା ପ୍ରାୟ ୪୦ ଡିଗ୍ରୀ ଉପରେ ରହୁଛି । ୪ଦିନ ହେଲା ବ୍ଲକ ଓ ସହରାଂଚଳରେ ଅତ୍ୟଧିକ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ, ଖାଁଖାଁ ଲାଗୁଛି ସହର ବଜାର । ଦିନ ୧୧ଟା ପରେ ଦୋକାନ ବଜାର ଜଦ ସାଙ୍ଗକୁ ରାସ୍ତାଘାଟ ଶୂନ୍ୟଶାନ ଦେଖିବାକୁ ମିଳିଥିବା ବେଳେ ମଧ୍ୟାହ୍ନ ସମୟରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ଜନସାଧାରଣଙ୍କ ନିମନ୍ତେ ଯାଜପୁର ପୌର ପରିଷଦ ତରଫରୁ ବିଭିନ୍ନ ଛକ ନିକଟରେ ଜଳଛତ୍ରର ବ୍ୟବସ୍ଥା କରାଯାଇଛି । ହେଲେ ଗରମ ଗୁଳୁଗୁଳି ଯୋଗୁ ଦିନ ମଜୁରିଆ, ରିକ୍ସାଚାଳକ, ନିର୍ମାଣ ଶ୍ରମିକ ଓ ରାସ୍ତାପାଖ ଦୋକାନୀ ବନ୍ଦୁ ଅସୁବିଧାରେ ସମ୍ମୁଖୀନ ହୋଇଛନ୍ତି । କିଛି କିଛି ଅନୁଷ୍ଠାନ ପକ୍ଷରୁ ଜଳଛତ୍ର ଜରୁରୀତନ ପରେ ବନ୍ଦ କରିଦେଇଥିବା ଦେଖିବାକୁ ମିଳିଛି । ସହର ମଧ୍ୟରେ ଏହା ଏକ ପ୍ରହସନ ପାଲଟିଛି । ଅନେକ ସ୍ଥାନରେ ଲୋକମାନେ ଘରୁ ବାହାରୁ ନଥିବାରୁ ଦୋକାନ ଓ ବ୍ୟବ ସାୟରେ ମଧ୍ୟ ପ୍ରଭାବ ପଡ଼ିଛି । ସହରାଂଚଳ ଏବଂ ଗ୍ରାମ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ରେ ଜ୍ୱର, ଡିହାଇଡ୍ରେସନ ଓ ଅସୁସ୍ଥତା ଆଂଶୁଘାତ ଘଟଣା ବଢ଼ିବାରେ ଲାଗିଛି । ଅତ୍ୟଧିକ ଗୁଳୁଗୁଳି ଜନଜୀବନ ଅସ୍ତବ୍ୟସ୍ତ । ଏଗୁଳି ପରିସ୍ଥିତିରେ ବିଦ୍ୟୁତ କାଟକୁ ନେଇ ପ୍ରବଳ ଅସନ୍ତୋଷ ଦେଖାଦେଇଛି । ତେବେ ଅତ୍ୟଧିକ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ଏବଂ ଆଂଶୁଘାତ ଘଟଣାକୁ ଦୃଷ୍ଟିରେ ରଖି ପ୍ରଶାସନ ସଚେତନତା ହେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ସ୍ୱାସ୍ଥ୍ୟ ବିଭାଗ ସହକାରୀ ନିର୍ଦ୍ଦେଶକଙ୍କ ମୋହନା ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ

ପାରଳାଖେମୁଣ୍ଡି, ୨୧/୦୫(ଆ.ପ୍ର) : ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସହକାରୀ ନିର୍ଦ୍ଦେଶକ ଡ.ମୁରଲୀଧର ପାଢୀ ୬ ଜଣିଆ ଦଳ ସହ ଗଜପତି ଜିଲ୍ଲା ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ । ସେ ସେଠାରେ ଜନ୍ମମୃତ୍ୟୁ ପଞ୍ଜିକରଣ କମ୍ପ୍ୟୁଟର ଓ କମ୍ପ୍ୟୁଟର ସାଂଚ କରି ବିଭାଗୀୟ କର୍ମଚାରୀ ମାନଙ୍କୁ ତାଗିଦ୍ କରିଥିଲେ । ହାତାଧିକାରୀ ମାନଙ୍କୁ ଠିକ୍ ସମୟରେ ପ୍ରମାଣପତ୍ର ଦେବା ଓ ଉଚିତ ସେବା ଯୋଗାଇବା ପାଇଁ କହିଥିଲେ । ଏହାଛଡ଼ା ସେ ନମୁନା ପରୀକ୍ଷା କେନ୍ଦ୍ର, ଔଷଧ ଭଣ୍ଡାର, ଅଣସଂକ୍ରାମକ ରୋଗ ଚିକିତ୍ସା କେନ୍ଦ୍ର, ସେବିକା ପ୍ରକୋଷ୍ଠ, ଅନ୍ତଃ ବିଭାଗ, ପ୍ରସବ ଗୃହ, ଏକ୍ସରେ ମେସିନ୍, ବନ୍ଧିତ ବିଭାଗ, ବେଡ୍ ହାଉସ୍ ପ୍ରଭୃତି ବୁଲି ଦେଖିଥିଲେ । ଡାକ୍ତର ଓ କର୍ମଚାରୀମାନଙ୍କୁ ଗୋଟାର ନିରାଳରେ ସମ୍ପର୍କରେ କିଛି ପ୍ରଶ୍ନ ପଚାରିଥିଲେ । ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡ. ରାମକୃଷ୍ଣ ପାଢ଼ୁଙ୍କୁ ରୋଗୀଙ୍କୁ ଉଚିତ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ପରାମର୍ଶ ଦେଇଥିଲେ । ବଜର କିଛି ଅଧିକାରୀ କ୍ଷେତ୍ର ପରିଦର୍ଶନ କରିଥିଲେ । ବାକୀ ୩ ଜଣ ଅଧିକାରୀ ଚନ୍ଦ୍ରଗିରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନରେ ଯାଇ ସମସ୍ତ ବିଭାଗ ଚିକିତ୍ସିଛି ଯାଂଚ କରିଥିଲେ ।

କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟକ୍ଷଳୟସ୍ଥିତ ସଦଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

କଳାହାଣ୍ଡି, ୨୧/୦୫(ଆ.ପ୍ର) : କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟକ୍ଷଳୟସ୍ଥିତ ସଦଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଜିଲ୍ଲାପାଳ ପାଣ୍ଡାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଅଛି । ଏହି ବୈଠକରେ ଜିଲ୍ଲା ପରିଷଦ, କଳାହାଣ୍ଡିର ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂହଦେଓ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଳଭଦ୍ରା ଦାସ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ କଳାହାଣ୍ଡି ସୌମ୍ୟ ରଞ୍ଜନ ପ୍ରଧାନ, ଉପ-ଜିଲ୍ଲାପାଳ ଧର୍ମମତ କୁଣ୍ଡୀ ପ୍ରେମା ଅନ୍ତର୍ଯ୍ୟାଳକ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ନିର୍ବାହୀ ଅଧିକାରୀ ସହଯୋଗ ସଂସ୍ଥା ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ଏବଂ ବନ୍ୟା, ବାତ୍ୟାର ମୁକାବିଲା ନିମନ୍ତେ ଆଜୁଆ ପଦେକ୍ଷେପ ନେବା ସହ ଏହାର ସୁପରିଚାଳନା ନିମନ୍ତେ ବିଭାଗୀୟ ଅଧିକାରୀ ତଥା କ୍ଷେତ୍ର କର୍ମଚାରୀ ମାନେ ସଜାଗ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା ଓ ବାତ

ଆରମ୍ଭ
SEITHO AKAMBHA
ଶୁକ୍ରବାର, ୨୨ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ପ୍ରଶାସନିକ ପକ୍ଷରୁ ସ୍ୱତନ୍ତ୍ର ସଘନ ସଂଶୋଧନ ସଂପର୍କରେ ରାଜନୈତିକ ଦଳ ପ୍ରତିନିଧି ମାନଙ୍କୁ ନେଇ ବୈଠକ

ବାଲିଗୁଡା, ୨୧/୦୫(ଆ.ପ୍ର) : ଲକ୍ଷମାନ ଜିଲ୍ଲା ବାଲିଗୁଡା ଉପଖଣ୍ଡର ୮୨ ନଂ.ବାଲିଗୁଡା ନିର୍ବାଚନ ମଣ୍ଡଳୀ ଓ ୮୩ ନଂ.ଜି. ଉଦୟଗିରି ନିର୍ବାଚନ ମଣ୍ଡଳୀର ସ୍ୱତନ୍ତ୍ର ସଘନ ସଂଶୋଧନ ସଂପର୍କରେ ପ୍ରଶାସନ ପକ୍ଷରୁ ବିଜିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନଙ୍କୁ ନେଇ ଏକ ବୈଠକ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ବୈଠକରେ ୮୨ ନଂ. ବାଲିଗୁଡା ନିର୍ବାଚନ ମଣ୍ଡଳୀର ପଞ୍ଜିକରଣ ଅଧିକାରୀ ତଥା ବାଲିଗୁଡା ଉପଜିଲ୍ଲାପାଳ ପ୍ରଶାନ୍ତ ଦାସ ଓ ୮୩ ନଂ.ଜି. ଉଦୟଗିରି ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଲକ୍ଷମାନ ଏଡିଏମ କୁଶଳ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରି ସ୍ୱତନ୍ତ୍ର ସଘନ ସଂଶୋଧନ ସଂପର୍କରେ ଥିବା ବିଜିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନାପାତ କରିଥିଲେ । ବୁଥ ନିର୍ବାଚନ ମଣ୍ଡଳୀର ରାଜନୈତିକ ଦଳର ପ୍ରତିନିଧି ମାନଙ୍କୁ ନେଇ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ସଂପର୍କ ରେ ଆଲୋଚନାପାତ କରିଥିଲେ । ସମଗ୍ର ଲକ୍ଷମାନ ଜିଲ୍ଲାରେ ଏକ ସୁଗମ ଏବଂ ସ୍ୱଚ୍ଛ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସୁନିଶ୍ଚିତ କରିବା ପାଇଁ ଆଗାମୀ ସ୍ୱତନ୍ତ୍ର ସଘନ ସଂଶୋଧନ ଏବଂ ଚଳିତ ମାସ ୩୦ ତାରିଖରୁ ବିଏଲଓ ମାନଙ୍କ ଦ୍ୱାରା ଘର ଘର ପରିଦର୍ଶନ ଆରମ୍ଭ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଭିଡିଓଙ୍କ ସହିତ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ମାନେ ଉପସ୍ଥିତ ଥିଲେ । ଭୋଟର ତାଲିକା ସଂଶୋଧନ ଜନିତ ପ୍ରଶାସନ ଓ ଭାରତର ନିର୍ବାଚନ କମିଶନ ତା.୦୧,୦୭,୨୦୨୬କୁ ନୂତନ ଭୋଟର ମାନଙ୍କ ନିମନ୍ତେ ଯୋଗ୍ୟତା ତାରିଖ ରଖିଛନ୍ତି । ଏହି ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମରେ କେହି ହେଲେ ଜଣେ ଯୋଗ୍ୟ ଭୋଟର , ଯେପରି ତାଲିକାରୁ ବାଦ ନ ପଡନ୍ତୁ ଏବଂ କେହି ହେଲେ ଜଣେ ଅଯୋଗ୍ୟ ଭୋଟର, ତାଲିକାରେ ନ ରୁହନ୍ତୁ ସଂଶୋଧନର ମୂଳ ଲକ୍ଷ ଅଟେ । ଏହି ସ୍ୱତନ୍ତ୍ର ତାତ୍ତ୍ୱ ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ଯୋଗ୍ୟତା ତାରିଖ ୦୧,୦୭ ,୨୦୨୬ ତାରିଖ ଥିବା ବେଳେ ପ୍ରସ୍ତୁତି, ତାଲିମ ଓ ଫିଂଟିଙ୍ଗ ୨୦.୦୫ ,୨୦୨୬ ରୁ ୨୯ ,୦୫ ,୨୦୨୬, ଦୃଶ୍ୟ ଲେଖନ ଅତିସର ଘର ଘର ବୁଲି ତଥ୍ୟ ସଂଗ୍ରହ କରିବା ୩୦ , ୦୫ , ୨୦୨୬ ରୁ ୨୮,୦୬,୨୦୨୬ , ମତଦାନ କେନ୍ଦ୍ର ସଜ୍ଜିତ କରଣ ପାଇଁ ତା ୨୮.୦୬.୨୦୨୬ ତାରିଖ, ଭୋଟର ତାଲିକା ପ୍ରକାଶନ ପାଇଁ ତା ୦୫.୦୬.୨୦୨୬ ତାରିଖ, ଆପତ୍ତି ଅଭିଯୋଗ ଗ୍ରହଣ ଜାରିବା ନିମନ୍ତେ ତା ୦୫ ୦୭ ୨୦୨୬ରୁ ୦୪,୦୮.୨୦୨୬ ତାରିଖ ପର୍ଯ୍ୟନ୍ତ, ଆପତ୍ତି ଅଭିଯୋଗର ସମାଧାନ ନିମନ୍ତେ ୫ . ୦ ୭ . ୨ ୦ ୨ ୬ ରୁ ୦୨.୦୯.୨୦୨୬ ଏବଂ ନୂତନ ଭୋଟର ତାଲିକା ପ୍ରକାଶନ ପାଇଁ ତା ୦୬/୦୯/୨୦୨୬ ତାରିଖ ନିର୍ବାଚନ କମିଶନ ପକ୍ଷରୁ ସ୍ଥିର କରାଯାଇଅଛି । ସେହି ପରି ଭୋଟର ତାଲିକାରେ ନାମ ଯୋଗ କରିବା ନିମନ୍ତେ, ନାମ କାଟିବା ନିମନ୍ତେ ଏବଂ ପରିବର୍ତ୍ତନ ନିମନ୍ତେ ନାଗରିକ ମାନେ ଅନଲାଇନ ଜସିଆର ନେଟ ବ୍ୟବହାର କରିପାରିବେ । ଏହି ସ୍ୱତନ୍ତ୍ର ଭୋଟର ତାଲିକା ଚିତ୍ର ସଂଶୋଧନ କାର୍ଯ୍ୟକୁ ସମସ୍ତ ରାଜନୈତିକ ଦଳ ବୁଥ ସ୍ତରୀୟ ଅଧିକାରୀ ମାନଙ୍କୁ ସହଯୋଗ କରି ବାଲିଗୁଡା ଓ ଜି. ଉଦୟଗିରି ନିର୍ବାଚନ ମଣ୍ଡଳୀର ଏସଆରଆର କାର୍ଯ୍ୟକୁ ତ୍ରୁଟିଶୂନ୍ୟ କରିବାକୁ ବୈଠକରେ ରାଜନୈତିକ ନେତୃ ବର୍ଗଙ୍କ ସହାୟତା ଲୋଡ଼ିଥିଲେ ।

ସ୍ୱାମୀ ମୃତ୍ୟୁର ୯ ମାସ ପରେ ବି ସ୍ତ୍ରୀକୁ ମିଳିନି ବିଧବା ଭତା

ଯାଜପୁର, ୨୧/୦୫(ଆ.ପ୍ର) : ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ବୃଦ୍ଧବୃଦ୍ଧାଙ୍କୁ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତା ଯୋଗାଇ ଦେବାରେ କୋଟିକୋଟି ଟଙ୍କା ରାଜସ୍ୱ ଖର୍ଚ୍ଚ କରୁଛନ୍ତି । ମାତ୍ର କିଛି ମୁନାଫାଖୋର ଅଧିକାରୀ ରାଜନୈତିକ ବାଣ୍ଡି ବିଶେଷଙ୍କ ଆକ୍ରୋସ ମନୋଭାବ ଯୋଗୁଁ ଯୋଗ୍ୟ ହିତାଧିକାରୀ ଭତା ପାଇବାରୁ ବଞ୍ଚିତ ହେଉଛନ୍ତି । ତାଙ୍କ ପକ୍ଷରେ ଆବେଦନ କରିଥିବା ଲୋକେ ଭତା ପାଉଥିବା ବେଳେ ଆଜି ପର୍ଯ୍ୟନ୍ତ ଏମାନଙ୍କ କଥା କେହି ବୁଝିବାକୁ ଚେଷ୍ଟା କରୁନାହାନ୍ତି । ଯାହାର ଜୁବନ୍ତ ଉଦାହରଣ ଯାଜପୁର ବ୍ଲକର ଅଧିକାଂଶ ପଂଚାୟତରେ ଦେଖିବାକୁ ମିଳିଛି । ଏହି ବ୍ଲକ ଅନ୍ତର୍ଗତ ବୁବନେଶ୍ୱରପୁର ପଂଚାୟତ ବାଙ୍କସାହି ଗ୍ରାମର ମୃତ ସନାତନ ସ୍ୱାଇଁଙ୍କ ସ୍ତ୍ରୀ ସୁମତି ସ୍ୱାଇଁ(୪୦)ଙ୍କ କ୍ଷେତ୍ରରେ ଏଭଳି ଘଟିଛି । ପରିବାର କହିଲେ ସ୍ୱାମୀ ମୃତ୍ୟୁ ପରେ ବୁଢ଼ା ପିତାଙ୍କୁ ଧରି ବହୁତ କଷ୍ଟରେ ଚଳିଆସୁଛନ୍ତି । ରୋଜଗାରିଆ ସ୍ୱାମୀ ଗଲା ପରେ ଏବେକୁ ବହବାମ ଯୁଗରେ ଉପବାସରେ ଦିନ କଟୁଛି । ସରକାରଙ୍କ ତରଫରୁ ଯାହା ରାସନ୍ କାର୍ଡରେ ୧୫ କେଜି ଚାଉଳ ମିଳୁଛି । ବାର୍ଷି ୯ ମାସ ହେବ ଭତା ପାଇବା ପାଇଁ ଆବେଦନ କରି ଅପେକ୍ଷା ରେ ଅଛନ୍ତି । ପ୍ରତି ମାସ ଭତା ପ୍ରଦାନକାରୀ ଅଧିକାରୀଙ୍କୁ ପଚାରି ପଚାରି ନିୟମ ହେଉଣି ସୁମତି । ଟାରଗେଟ୍ ଆସିଲେ ଭତା ମିଳିବ ବୋଲି ଭୁଆଁ ବୁଲାଇ ଚାଲିଛନ୍ତି ଅଧିକାରୀ । ଦୁଃଖ ଓ ପରିତାପର ବିଷୟ ତାଙ୍କ ପକ୍ଷରେ ଆବେଦନ କରିଥିବା ଲୋକେ ଭତା ପାଉଛେଣି । ଯାହାକୁ ନେଇ ସୁମତି ଦୁଃଖ ରେ ରାଙ୍ଗି ପଡ଼ିଛନ୍ତି । ଦଆପି ହାର ନମାଡି ସୁମତି ଜିଲ୍ଲା ଓ ବ୍ଲକ ପ୍ରଶାସନକୁ ବିଧବା ଭତା ପ୍ରଦାନ କରିବାକୁ ଗଣମାଧ୍ୟମ ଜରିଆରେ ନେହୁରା କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ସୁମତିଙ୍କୁ ବିଧବା ଭତା ପ୍ରଦାନ କରି ତା ପାଇଁ ପଂଚାୟତ ବାସୀ ବାଡି କରିଛନ୍ତି ।

ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଚଢାଉ ଡିଜେଲ ଜବତ

ଜି.ଉଦୟଗିରି, ୨୧/୦୫(ଆ.ପ୍ର) : ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତିକୁ ନେଇ ବର୍ତ୍ତମାନ ଡିଜେଲ, ପେଟ୍ରୋଲ, ରନ୍ଧନ ଗ୍ୟାସର ଅଭାବ କିଛିମାତ୍ରାରେ ଦେଖିବାକୁ ମିଳୁଥିବା ବେଳେ ଓଡିଶା ସରକାରଙ୍କ ଯୋଗାଣ ବିଭାଗ କହୁଛି ପେଟ୍ରୋଲ ଡିଜେଲ ଗ୍ୟାସ ମଜୁଦ ଅଛି । କିନ୍ତୁ ଜି.ଉଦୟଗିରି ବହୁ ପେଟ୍ରୋଲ ପମ୍ପ ଗୁଡ଼ିକରେ ତେଲ ମିଳୁନଥିବା ବେଳେ ଡିଜେଲ କଳା ବଜାରୀ ହେଉଥିବା ନେଇ ଯୋଗାଣ ବିଭାଗ ପାଖରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଚଢାଉ କରି ଶ୍ରୀରାମପଦାସ୍ଥିତ ଏସଏସଏସ ହାର୍ଡୱେର ଦୋକାନ ଉପରେ ଚଢାଉ କରି ୪୪୦ ଲିଟର ଡିଜେଲ ଜବତ କରିଥିଲେ । ଦୋକାନ ମାଲିକ ବୁଗାଦାସଙ୍କ ନାମରେ ବିନା ସରକାରୀ ଅନୁମତି ପତ୍ର ଓ ଦେଖାଇନ ଡିଜେଲ ବିକ୍ରି କରୁଥିବା ନେଇ ଏକ ମାମଲା ରୁଜୁ ହୋଇଥିବା ନେଇ ସ୍ଥାନୀୟ ଯୋଗାଣ ବିଭାଗ ଅଧିକାରୀ ଅଞ୍ଚଳ କୁମାର ଦିଗାଲ ସୂଚନା ଦେଇଛନ୍ତି । ଏହି ଚଢ଼ାଉ ସମୟରେ ଅତିରିକ୍ତ ଯୋଗାଣ ଅଧିକାରୀ ବାଣିଗୁଡ଼ା ମାୟାଧର ସାହୁ, ଏସିଏଓ ଅଶୁରମା ନାୟକ ସୁଲକାଣୀ, ଟିକାଦାଲି ଯୋଗାଣ ଅଧିକାରୀ ଜିଉଣ ବେହେରା ଉପସ୍ଥିତ ଥିଲେ । ବର୍ତ୍ତମାନ ଡିଜେଲ ପେଟ୍ରୋଲ ଜିଆଁଟିଆ ପରିସ୍ଥିତିରେ ଲୋକଙ୍କୁ ସେବା ଯୋଗାଉଥିବା ନାଁରେ ଚଢ଼ା ଦରରେ ଡିଜେଲ ବିକ୍ରି କରିବା ଦୁଃଖ ଦାୟକ ବୋଲି କହିଛନ୍ତି ଯୋଗାଣ ଅଧିକାରୀ । ଆଗକୁ ମଧ୍ୟ ଏପରି ଅତର୍କିତ ଚଢ଼ାଉ ଜାରି ରହିବ ବୋଲି ସେ କହିଛନ୍ତି । ଦୋକାନ ମାଲିକ ଜିଆଁଟିଆ ପରିସ୍ଥିତିରେ ଲୋକଙ୍କୁ ସେବା ଯୋଗାଉଥିବା ନାଁରେ ଚଢ଼ା ଦରରେ ଡିଜେଲ ବିକ୍ରି କରିବା ଦୁଃଖ ଦାୟକ ବୋଲି କହିଛନ୍ତି ଯୋଗାଣ ଅଧିକାରୀ । ଆଗକୁ ମଧ୍ୟ ଏପରି ଅତର୍କିତ ଚଢ଼ାଉ ଜାରି ରହିବ ବୋଲି କହିଛନ୍ତି । ଏହି ଚଢ଼ାଉ ସମୟରେ ଅତିରିକ୍ତ ଯୋଗାଣ ଅଧିକାରୀ ବାଣିଗୁଡ଼ା ମାୟାଧର ସାହୁ, ଏସିଏଓ ଅଶୁରମା ନାୟକ ସୁଲକାଣୀ, ଟିକାଦାଲି ଯୋଗାଣ ଅଧିକାରୀ ଜିଉଣ ବେହେରା ଉପସ୍ଥିତ ଥିଲେ । ବର୍ତ୍ତମାନ ଡିଜେଲ ପେଟ୍ରୋଲ ଜିଆଁଟିଆ ପରିସ୍ଥିତିରେ ଲୋକଙ୍କୁ ସେବା ଯୋଗାଉଥିବା ନାଁରେ ଚଢ଼ା ଦରରେ ଡିଜେଲ ବିକ୍ରି କରିବା ଦୁଃଖ ଦାୟକ ବୋଲି କହିଛନ୍ତି ଯୋଗାଣ ଅଧିକାରୀ । ଆଗକୁ ମଧ୍ୟ ଏପରି ଅତର୍କିତ ଚଢ଼ାଉ ଜାରି ରହିବ ବୋଲି ସେ କହିଛନ୍ତି । ଦୋକାନ ମାଲିକ

ଦୈନିକ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୨୨ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ଯାଜପୁର ସହରରେ ଘନ ଘନ ବିଦ୍ୟୁତ କାଟ୍

ଯାଜପୁର, ୨୧/୦୫(ଆ.ପ୍ର) : ଗ୍ରୀଷ୍ମକାଳରେ ବିଦ୍ୟୁତ୍ କାଟ୍ ଆଦୌ ହେବ ନାହିଁ ବୋଲି ସରକାରୀ ଭାବେ ଘୋଷଣା କରାଯାଇଥିଲା ବେଳେ ଯାଜପୁର ସହର ବିଦ୍ୟୁତ୍ ବିଭାଗ ପକ୍ଷରୁ ସରକାରୀ ନିର୍ଦ୍ଦେଶକୁ ଫୁ କରିଦିଆଯାଇଛି । ଯାଜପୁର ସହର ବିଦ୍ୟୁତ୍ ବିଭିଜନ୍ ଅଧିନସ୍ଥ ବିଭିନ୍ନ ଖୁଣ୍ଟିରେ କିଛି ଦିନ ହେବ ବିଭାଗ ପକ୍ଷରୁ ଘନ ଘନ ବିଦ୍ୟୁତ୍ କାଟ୍ କରାଯାଇଛି । ଯାହା ର ଏକ ଜଳନ୍ତା ଉଦାହରଣ ସ୍ୱରୂପ ଆଜି ଯାଜପୁର ସହର ର ୯ ନମ୍ବର ଖୁଣ୍ଟିରେ(ଯାଗେଶ୍ୱରପୁର) ସକାଳ ୬ଟାରୁ ଲାଇନ୍ ବିନା ସୂଚନାରେ କାଟି ଦେଇଥିଲେ । ପରବର୍ତ୍ତୀ ସମୟରେ ଟାଟା ପାୱାର ପକ୍ଷରୁ ଖୋଲାଯାଇଥିବା କଷମର କେୟାର କଲ୍ ସେଂଟର କୁ ଫୋନ କରେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ, ସକାଳ ୧୦ ଟା ସମୟରେ ଏସଡିଓଙ୍କୁ ଫୋନ କରିଥିଲେ ମଧ୍ୟ ସେ ଲାଇନାଧାର୍ଜି ବୋଲି ଉତ୍ତର ଦେଇଥିଲେ । ଟାଟା ପାୱାର ବିଦ୍ୟୁତ୍ ବାଲବ୍ ଦେବା ପରେ ସହର ମଧ୍ୟରେ ବିଦ୍ୟୁତ୍ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଅଫିସର୍ ମାନଙ୍କ ପାଖରେ ଜୌଣସି ତଥ୍ୟ ନାହିଁ । ଯାହା ଫଳରେ ବିଦ୍ୟୁତ୍ ଉପଭୋକ୍ତା ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ତ୍ତମାନ ପ୍ରତଶ୍ତ ଘଂଟା ଘଂଟା କଟା ଯାଉଥିଲା ବେଳେ, ବର୍ଷା ପବନ ଛାଡ଼ିବାର ବାର୍ଣ୍ଣ ସମୟ ପରେ ବିଦ୍ୟୁତ୍ ଚାର୍ଜ କରାଯାଇଥିବା ଦେଖାଯାଉଛି । ବିଦ୍ୟୁତ୍ ପ୍ରବାହରେ ବିଭିନ୍ନ ବିଶୃଙ୍ଖଳା ସଂକ୍ରାନ୍ତରେ ଅଭିଯୋଗ କରିବା ପାଇଁ ଦିଆଯାଇଥିବା ମୋବାଇଲ ନମ୍ବରକୁ ଉପଭୋକ୍ତାମାନେ ଫୋନ୍ କରୁଥିଲେ ମଧ୍ୟ ଦାୟିତ୍ୱରେ ଥିବା ବିଦ୍ୟୁତ୍ ବିଭାଗୀୟ କର୍ମଚାରୀମାନେ ତାକୁ ଭୂକ୍ଷେପ କରୁନାହାଁନ୍ତି । ଏଥିପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଆକର୍ଷଣ କରିବା ସହିତ ତୁରନ୍ତ ବିଭାଗ ପକ୍ଷରୁ ଏଇନି ଅଘୋଷିତ ବିଦ୍ୟୁତ୍ କାଟ୍ କରାଯାଉଛି ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ବିଶେଷକରି ଗ୍ରୀଷ୍ମଋତୁରେ ବିଭାଗ ପକ୍ଷରୁ ଉପଭୋକ୍ତାମାନଙ୍କୁ ଠିକ୍ ପରିମାଣରେ ବିଦ୍ୟୁତ୍ ପ୍ରବାହ କରାନଯିବାରୁ ବହୁ ଗୋଳେ ଲୋରୋଲଟେଜ୍ ପାଇଁ ପଙ୍ଖା ଏବଂ ଏସି ଚଳାଇବା ପାଇଁ ନାନା ହଇରାଣ ହରକତ ହେଉଛନ୍ତି ।

ଏହାଛଡ଼ା ଅନେକ ସମୟରେ ମନଇଚ୍ଛା ବିଦ୍ୟୁତ୍ କାଟ୍ କରାଯାଉଥିବା ବେଳେ ଟିକିଏ ବର୍ଷା ପବନ ଆସିବା ପୂର୍ବରୁ ବିଦ୍ୟୁତ୍ ଘଂଟା ଘଂଟା କଟା ଯାଉଥିଲା ବେଳେ, ବର୍ଷା ପବନ ଛାଡ଼ିବାର ବାର୍ଣ୍ଣ ସମୟ ପରେ ବିଦ୍ୟୁତ୍ ଚାର୍ଜ କରାଯାଉଥିବା ଦେଖାଯାଉଛି । ବିଦ୍ୟୁତ୍ ପ୍ରବାହରେ ବିଭିନ୍ନ ବିଶୃଙ୍ଖଳା ସଂକ୍ରାନ୍ତରେ ଅଭିଯୋଗ କରିବା ପାଇଁ ଦିଆଯାଇଥିବା ମୋବାଇଲ ନମ୍ବରକୁ ଉପଭୋକ୍ତାମାନେ ଫୋନ୍ କରୁଥିଲେ ମଧ୍ୟ ଦାୟିତ୍ୱରେ ଥିବା ବିଦ୍ୟୁତ୍ ବିଭାଗୀୟ କର୍ମଚାରୀମାନେ ତାକୁ ଭୂକ୍ଷେପ କରୁନାହାଁନ୍ତି । ଏଥିପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଆକର୍ଷଣ କରିବା ସହିତ ତୁରନ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଏଥିପ୍ରତି ଉଚିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବାପାଇଁ ଯାଜପୁର ସହରର ସମସ୍ତ ଜନସାଧାରଣ ଓ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି ।

ଘନଘନ ବିଦ୍ୟୁତ କାଟ ଓ ଲୋ ଭୋଲଟେଜ ସମସ୍ୟାକୁ ନେଇ ଖଣ୍ଡପଡ଼ା ଅଂଚଳବାସୀ ଅତିଷ୍ଠ

ଖଣ୍ଡପଡ଼ା, ୨୧/୦୫(ଆ.ପ୍ର) : ଗତ ୧୦ ଦିନ ହେଲା ଖଣ୍ଡପଡ଼ା ଅଂଚଳରେ ପ୍ରଚଣ୍ଡ ଗ୍ରୀଷ୍ମତାପ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି । ବର୍ଷାର ଦେଖା ନାହିଁ । ଏଇନି ସ୍ଥିତିରେ ଦିବା ଦିନ ଓ ରାତିରେ ବାରମ୍ବାର ବିଦ୍ୟୁତ କାଟ ସାଙ୍ଗକୁ ଲୋ ଭୋଲଟେଜ ସମସ୍ୟା ଯୋଡ଼ିଙ୍କୁ ଅଂଚଳବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି । ଗରମ ଓ ଗୁଳୁଗୁଳି ଜନ ଜୀବନକୁ ଅସ୍ତବ୍ୟସ୍ତ କରି ପକାଇଥିବା ବେଳେ ସାମାନ୍ୟ ପବନ କିମ୍ବା ଘଡ଼ ଘଡ଼ି ମାରିଲେ ବିଦ୍ୟୁତ ସରବରାହ ସଙ୍ଗେ ସଙ୍ଗେ ବନ୍ଦ ହୋଇଯାଉଛି । ଖଣ୍ଡପଡ଼ା ବ୍ଲକ ଅଧୀନସ୍ଥ ଏଳାଧିକ ଗ୍ରାମରେ ବିଦ୍ୟୁତ ସେବା ଏବେ ଏକଜନମ ପ୍ରହସନରେ ପରିଣତ ହୋଇଥିବା ଜଣାପଡିଛି । ଘଂଟା ଘଂଟା ଧରି ଅଘୋଷିତ ବିଦ୍ୟୁତ କାଟକୁ ନେଇ ଅଂଚଳବାସୀ ତାବୁ ଅସନ୍ତୋଷ ପ୍ରକାଶ କରି ଆସୁଥିଲେ ହେଁ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ବିଦ୍ୟୁତ ବିତରଣ ଜନ୍ମାନୀ (ଡିପିସିଡିଏଲ) କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି । ବାରମ୍ବାର ଦାବି ସତ୍ତ୍ୱେ ମଧ୍ୟ ଅଂଚଳବାସୀଙ୍କୁ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ ସେବା ଯୋଗାଇ ଦେବାରେ ଡିପିସିଡିଏଲ କର୍ତ୍ତୃପକ୍ଷ ଏକଜଣ ବିଫଳ ବୋଲି ଦେଖାଯାଉ ଜଣାପଡିଛି । ଖଣ୍ଡପଡ଼ା ପରେ ଏକ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ଗ୍ରିଡ ସ୍ଥାପନ କେବଳ କେତୋଟି ଲାଖଣ୍ଡକାଳିରେ ସୀମିତ ଥିବା ଜଣାପଡିଛି । ପ୍ରଚଣ୍ଡ ଗ୍ରୀଷ୍ମତାପ ସମୟରେ ବାରମ୍ବାର ବିଦ୍ୟୁତ କାଟ ଉପରେ ରାଜ୍ୟସ୍ତର ସରକାର ଜଟକଣା ଲାଗୁ କରିଥିଲେ ହେଁ ଏଥର ପ୍ରଭାତ ଖଣ୍ଡପଡ଼ାବାସୀ ଉପଲବ୍ଧ କରି ପାରୁନାହାଁନ୍ତି । ଡିପିସିଡିଏଲ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲ୍ଲାପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

ଜାତୀୟ ରାଜପଥ ଓ ମୁଖ୍ୟ ବଜାର ମଧ୍ୟରେ ବିପଦପୂର୍ଣ୍ଣ ଶୁଖିଲା ଆମ୍ବ ଗଛ

ବାଲିଗୁଡ଼ା, ୨୧/୦୫(ଆ.ପ୍ର) : ଲମ୍ବମାଳ ଜିଲ୍ଲା ବାଲିଗୁଡ଼ା ବ୍ୟାଡନର ମୁଖ୍ୟ ବଜାର ତଥା ଜାତୀୟ ରାଜପଥ ଜବରେ ଏକ ଶୁଖିଲା ଆମ୍ବଗଛ ରହିଛି । ଏହି ଗଛଟି ତହସିଲଦାରଙ୍କ ବାସଭବନକୁ ଲାଗି ରହିଛି । ଏହି ଗଛଟି ପ୍ରାୟ ଏକବର୍ଷ ହେବ ଏହିଭଳି ଶୁଖିଲା ଦେଖା ଦେଇଛି । ଗଛରୁ ଶୁଖିଲା ଡାଳ ପଡିଥାଉଛି । ଉକ୍ତ ଗଛ ଥିବା ଅଂଚଳ ମୁଖ୍ୟ ବଜାର ହୋଇଥିବା ଏବଂ ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନ ରହିଥିବାରୁ ପ୍ରତ୍ୟେକ ଦିନ ଶହଶହ ଜନସାଧାରଣ ଯାତାୟାତ କରିଥାନ୍ତି । କିଛି ଦିନ ତଳେ କାଳବୈଶାଖୀରେ ବାଲିଗୁଡ଼ାରେ ଅନେକ ଗଛପଡ଼ି ଧନଜୀବନ ନଷ୍ଟ ହେବାର ନଜିର ରହିଛି । ପୁଣି ହଠାତ କାଳ ବୈଶାଖୀ ଆସିଲେ ଏହି ଗଛଟି ଯଦି ପଡିଥାଏ, ତେବେ ଅନେକ ଧନଜୀବନ କ୍ଷତି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଏହି ଗଛକୁ କାଟିବା ନିମନ୍ତେ ଗତକିଛି ମାସ ତଳେ ସ୍ଥାନୀୟ ବାସିନ୍ଦା ତହସିଲଦାରଙ୍କୁ ଲିଖିତ ଆକାରରେ ଦେଇଥିଲେ । ସେହି ସମୟରେ ତହସିଲଦାର କହିଥିଲେ ଯେ, ବନବିଭାଗ, ଅଗ୍ନିଶମ ବାହିନୀ ଏବଂ ଏନ୍‌ଏସି ରେ କୁହାଯାଇଛି । କିନ୍ତୁ ଲିଖିତ ଅଭିଯୋଗ କାଗଜରେ ସୀମିତ ରହିଯାଇଛି । ଅଭିଯୋଗ ଦେବାର ଦୀର୍ଘ ଦିନ ବିତିଯାଇଥିଲେ ହେଁ ଅଦ୍ୟାବଧି ସୁଖା ଉକ୍ତ ଗଛକୁ କାଟିବା ବ୍ୟବସ୍ଥା କରାଯାଇନାହିଁ । ଏ ସମ୍ପର୍କ ରେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିବେକାନନ୍ଦ ବଡେଜେନ କହିଛନ୍ତି ଯେ, ଗଛକୁ କାଟିବା ନିମନ୍ତେ ଆମେ ପ୍ରସ୍ତୁତ ରହିଛୁ କିନ୍ତୁ ବିଦ୍ୟୁତ ବିଭାଗ ବିଦ୍ୟୁତ କାଟିଲେ ଗଛ କାଟିହେବ କିନ୍ତୁ ବର୍ତମାନ ଖରାଦିନ ହୋଇଥିବାରୁ ବିଦ୍ୟୁତ ବିଭାଗ ଲାଇନକୁ କାଟୁନାହାନ୍ତି । ଏଣୁ ଆମୋନେ ଲାଇନ କାଟିଲେ ଆମେ ଗଛକୁ କାଟିବେକୁ ବୋଲି କହିଛନ୍ତି । ସେହେତୁ ଏହି ବିଷୟ ନେଇ ଯିଏ ଯାହା ପୁଣିପୁ ଅଜିଆ ଛିଡାଇ ଦେଇଥିବା ବେଳେ ଯଦି ଅକସ୍ମାତ ଗଛ ଟି ପଡିଯାଏ ତେବେ ଏଥିପାଇଁ ଦାୟୀ କି'ଏ ରହିବ ଏବଂ ଯାହା କ୍ଷତି ହେବ କି' ଏ ଭାରୀ ଲାଗିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

ଦଶପଲ୍ଲା ଯୁକ୍ତଦୁଇ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କର ସଫଳତା

ଦଶପଲ୍ଲା, ୨୧/୦୫(ଆ.ପ୍ର) : ଯୁକ୍ତଦୁଇ ପରୀକ୍ଷାରେ ଉଚ୍ଚିଆ ବୁଲର ତିନି ଚର ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରି ଶିକ୍ଷାଅନୁଷ୍ଠାନର ଗୌରବ ଆଣିଛନ୍ତି । ତ୍ରୟ . ଆରମ୍ଭି ସାମନ୍ତରାୟ କଲେଜର ଉଚ୍ଚୟ ବିଜ୍ଞାନ ଓ କଳା ବିଭାଗରେ ଛାତ୍ରୀମାନେ ବାଜିମାତ କରିଛନ୍ତି । ବିଜ୍ଞାନ ବିଭାଗରେ ଛାତ୍ରୀ ବିଷ୍ଣୁପ୍ରିୟା ବେହେରା ମୋଟ ୫୬୫ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିବା ସହ କଲେଜ ସ୍ତରୀୟ ବେହେରା ମୋଟ ୫୪୪ ନମ୍ବର ହାସଲ କରି କଲେଜରେ ସର୍ବୋଚ୍ଚ ସ୍ଥାନ ବଜାୟ ରଖିଛନ୍ତି । ଛାତ୍ରଛାତ୍ରୀଙ୍କର ଏହି ଭଲ ସଫଳତା ପାଇଁ ବିଭିନ୍ନ ମହଲରୁ ସେମାନଙ୍କୁ ଶୁଭେଚ୍ଛା ସୁଅ ଜୁଡିବାରେ ଲାଗିଛି । ବିଦ୍ୟାଳୟଗୁଡ଼ିକର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଏବଂ ସ୍ଥାନୀୟ ବୁଦ୍ଧିଜୀବୀମାନେ କୃତୀ ଛାତ୍ରଛାତ୍ରୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

ସତ୍ୟପ୍ରିୟ ବିଜ୍ଞାନ ଓ ଜ୍ୟୋତିରାଣୀ, ଶୁଚିସ୍ମିତା କଳାରେ ବ୍ଲକ ଟପ୍ପର

ଦଶପଲ୍ଲା, ୨୧/୦୫(ଆ.ପ୍ର) : ଦଶପଲ୍ଲା ବୃନ୍ଦାବନ ସ୍କୁଲ ବ୍ଲକ ମହାବିଦ୍ୟାଳୟର ଛାତ୍ର ସତ୍ୟପ୍ରିୟ ସାହୁ ବିଜ୍ଞାନ ରେ ୫୬୯ ନମ୍ବର ରଖି ବ୍ଲକ ଟପ୍ପର ହୋଇଥିବା ବେଳେ ସେ ମହାବାର ସାଲକୁ ଜୋଡିଙ୍ଗ ସେଂଟରରେ କୋଡିଂ ନେଇଥିଲେ । ସେହିଭଳି ସେହି ମହାବିଦ୍ୟାଳୟର ଛାତ୍ରୀ ଜ୍ୟୋତିରାଣୀ ଦେହେରା କଳାରେ ୫୪୬ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି । ସେ ଗଣେଶ ବଜାର ସ୍ଥିତ ମହାବାର କୋଡିଙ୍ଗ ସେଂଟରରେ କୋଡିଙ୍ଗ ନେଇଥିଲେ । ଏଥି ସହିତ କୃଷ୍ଣ ପ୍ରିୟା ଦେବୀ ମହିଳା ମହାବିଦ୍ୟାଳୟର ଛାତ୍ରୀ ଶୁଚିସ୍ମିତା ଦାସ କଳାରେ ୫୪୬ମାର୍କ ରଖି ବ୍ଲକ ଟପ୍ପର ହେବା ସହିତ ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ସେ ଆଇଡ଼ିଆଲ କୋଡିଙ୍ଗ ସେଂଟରରେ କୋଡିଂ ନେଇଥିଲେ । ସମ୍ପନ୍ନତାର ଶ୍ରେୟ କଲେଜର ଅଧ୍ୟକ୍ଷ, ଅଧ୍ୟାପକ ସହିତ କୋଡିଙ୍ଗ ସେଂଟରର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ପିତାମାତାଙ୍କୁ ପ୍ରଦାନ କରିଛନ୍ତି ।

ଅଂଶୁଘାତରେ ମହିଳାଙ୍କ ମୃତ୍ୟୁ ଅଭିଯୋଗ

ଖଣ୍ଡପଡ଼ା, ୨୧/୦୫(ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ଅଧୀନ ରୟତି ବୋଲମରା ଗ୍ରାମର ସୁବାସ ନାଏକଙ୍କ ପତ୍ନୀ ସୀତା ନାଏକ(୪୨)ଅଂଶୁଘାତରେ ଅଜାନ ମୃତ୍ୟୁବରଣ କରିଥିବା ପରିବାରବର୍ଗ ଓ ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି । ବୁଧବାର ମଧ୍ୟାହ୍ନରେ ଖାଇ ସାରିବା ପରେ ମହିଳା ଜଣକ ଘରେ ବିଶ୍ରାମ ନେଇଥିଲେ । ବିଦ୍ୟୁତ କାଟ ସାଙ୍କୁଳ ଅସହ୍ୟ ଗ୍ରୀଷ୍ମର ପ୍ରଭାବରେ ମହିଳା ଜଣକ ଘରେ ଆଉ ଶୋଇ ନପାରି ହଠାତ ଉଠି ବସିବା ପରେ ତାଙ୍କର ମୁଣ୍ଡ ବୁଲାଇ ହେବା ସହ ସେଇଠି ପାରେ ହିଁ ସେତେଣୁମ୍ବ ଘୋଇ ପଡିଥିଲେ । ଗ୍ରାମବାସୀଙ୍କ ସହଯୋଗରେ ପରିବାରବର୍ଗ ଏକ ଆମ୍ବୁଲାନ୍ସ ଯୋଗେ ଉକ୍ତ ମହିଳାଙ୍କୁ ଆଶୁ ଚିକିତ୍ସା ନିମନ୍ତେ ନିକଟସ୍ଥ ଗଣିଆ ଘୋଷା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ମାତୃ ମହିଳାଙ୍କର ମୃତ୍ୟୁ ହୋଇଥିବା ନେଇ ଡାକ୍ତର ଘୋଷଣା କରିଥିଲେ । ତେବେ ମହିଳାଙ୍କ ମୃତ୍ୟୁ ଅଂଶୁଘାତ ଜନିତ ବୋଲି ପରିବାରବର୍ଗ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ଦୁଃଖଦ ଘଟଣାକୁ ନେଇ ପରିବାରବର୍ଗ ଲାଞ୍ଚି ପଡିଥିବା ବେଳେ ମୃତକଙ୍କ ପରିବାରବର୍ଗଙ୍କୁ ଆନୁସଙ୍ଗିକ ସରକାରୀ ସାହାଯ୍ୟ ଯୋଗାଇ ଦେବା ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି । ଖଣ୍ଡପଡ଼ା ତହସିଲ ପ୍ରଶାସନ ଓ ନୟାଗଡ଼ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

ପ୍ରତିଭା ବିଷିଙ୍କ ୭୮ ବର୍ଷରେ ପରଲୋକ



ଭବାନୀପାଟଣା, ୨୧/୦୫(ଆ.ପ୍ର) : ଧର୍ମୀ ପରାୟଣା ମହିଳା ପ୍ରତିଭା ବିଷିଙ୍କର ଆଜି ସକାଳ ୭ଟା ୧୫ ମିନିଟ ସମୟରେ ଜୁନାଗଡ଼ ଫଟେନାଗଡ ସ୍ଥିତ ନିଜ ବାସଭବନରେ ପରଲୋକ ଘଟିଛି । ସେ ୧୯୪୮ ମସିହା ଫେବୃଆରୀ ୧୦ ତାରିଖରେ ଜନ୍ମଗ୍ରହଣ କରିଥିଲେ । ମୃତ୍ୟୁବେଳେ ତାଙ୍କ ବୟସ ୭୮ ବର୍ଷ ହୋଇଥିଲା । ମୃତ୍ୟୁ ସମୟରେ ତାଙ୍କ ସ୍ୱାମୀ ପ୍ରତାପ ବିଷି, ବଡ଼ ପୁଅ ପ୍ରମୋଦ ବିଷି, ଜଣ୍ଟ ଅଞ୍ଜଳି, ସାନ ପୁଅ ପ୍ରବୀଣ ବିଷି, ବହୁ ସହ ନାତି-ନାତୁଣୀ ଓ ପରିବାରର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ । ତାଙ୍କ ଶେଷକୃତ୍ୟ ସ୍ଥାନୀୟ ଶ୍ମଶାନଘାଟରେ ସମ୍ପନ୍ନ ହୋଇଥିବା ବେଳେ ବଡ଼ ପୁଅ ପ୍ରମୋଦ ବିଷି ମୁଖାଗ୍ନି ଦେଇଥିଲେ । ପ୍ରତିଭା ବିଷିଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ଅଂଚଳରେ ଶୋକର ଛାୟା ଖେଳିଯାଇଥିଲା । ବହୁ ଶୁଭେଚ୍ଛୁ, ସମ୍ପର୍କୀୟ ଓ ସ୍ଥାନୀୟ ବ୍ୟକ୍ତିବିଶେଷ ତାଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରିଥିଲେ ।

ନୂଆପଡ଼ାରେ ପୋଲିସ-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ: ଅପରାଧ ନିୟନ୍ତ୍ରଣ ଓ ଶୀଘ୍ର ତଦନ୍ତ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ

ନୂଆପଡା, ୨୧/୦୫(ଆ.ପ୍ର) : ନୂଆପଡା ଜିଲ୍ଲା ପୋଲିସ ଓ ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମ୍ପିତପାଲ ସିଂ, ଅତିରିକ୍ତ ଜିଲ୍ଲାପାଳ ସୁଦାସ ବହୁ ଗଉଡ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜିତ ନାୟକ, ଜିଲ୍ଲା ମୁଖ୍ୟ ଜନୁଅଳ ଅଧିକାରୀ ଲାୟୋଦର ଧରୁଆ, ଉପଜିଲ୍ଲାପାଳ ସୁମିତ ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଦ୍ୱାରିକାନାଥ ଶତପଥୀ, ସମସ୍ତ ବ୍ଲକ୍ଷ ଉନ୍ନୟନ ଅଧିକାରୀ, ଚରସିଲଦାର, ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନ, ଆରକ୍ଷିଣୀ ଶର୍ମିଳା ମହାରଣା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ବୈଠକରେ ସମ୍ପତ୍ତିଙ୍କୁ ସ୍ୱାଗତ କରି ଜିଲ୍ଲାପାଳ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ପୋଲିସ ଓ ପ୍ରଶାସନ ମଧ୍ୟରେ ଉତମ ସମନ୍ୱୟ ଏବଂ ବୁଝାମଣା ରହିବେ ଲୋକଙ୍କ ସମସ୍ୟା ତତ୍ପରତରେ ଶୀଘ୍ର ସମାଧାନ ହୋଇପାରିବ ବୋଲି ସେ କହିଥିଲେ । ଅପରାଧକୁ ପ୍ରାରମ୍ଭିକ ସ୍ତରରୁ ରୋକିବା, ମାମଲାଗୁଡ଼ିକର ଯୁକ୍ତିସଙ୍ଗତ ତଦନ୍ତ ଓ ଶୀଘ୍ର ନିଷ୍ପତ୍ତିକୁ ପାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ପ୍ରତ୍ୟେକ ଥାନା ଅଧିକାରୀଙ୍କୁ ପ୍ରତିମାସ ଶାନ୍ତି କମିଟି ବୈଠକ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ଆରକ୍ଷ ଅଧୀକ୍ଷକ ଅମ୍ପିତପାଲ ସିଂ କହିଥିଲେ ଯେ, ପୋଲିସ୍ ଓ ପ୍ରଶାସନ ମଧ୍ୟରେ ଉତମ ସମନ୍ୱୟ ପାଇଁ ଏକ ବିଶ୍ୱସନୀୟ ଓ ବଳିଷ୍ଠ ଡାଟାବେସ୍‌ର ଆବଶ୍ୟକତା ରହିଛି । ସେ କହିଥିଲେ, ପୋଲିସ୍ ଓ ପ୍ରଶାସନିକ ଅଧିକାରୀମାନେ ଯଦି ଲୋକଙ୍କ ସମସ୍ୟା ଶୁଣି ତାହାର ତୁରନ୍ତ ସମାଧାନ କରନ୍ତି, ତେବେ ଅନେକ ଅଘଟଣକୁ ପୂର୍ବରୁ ଏଡାଇ ଦିଆଯାଇପାରିବ । ଜିଲ୍ଲାପାଳ ଅଧ୍ୟକ୍ଷତାରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଜିଲ୍ଲାବାସୀଙ୍କୁ ପୋଲିସ୍ ଓ ପ୍ରଶାସନ ଉପରେ ଆସ୍ଥା ରଖି ଶାନ୍ତି ଓ ସଂହତିପୂର୍ଣ୍ଣ ପରିବେଶରେ ଜୀବନଯାପନ କରିବାକୁ ଅନୁରୋଧ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଉଚତ ଧନ୍ୟବାଦ ଅର୍ପଣ କରିଥିଲେ ।

ଡକ୍ଟର ଆରସି ସାମନ୍ତରାୟ ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

ଗଣିଆ, ୨୧/୦୫(ଆ.ପ୍ର) : ଗଣିଆରେ ଥିବା ଆରସି ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ତନିହ ବର୍ଷ ଯୁକ୍ତ ଦୁଇ ପରୀକ୍ଷାରେ ଉକ୍ତ ମହାବିଦ୍ୟାଳୟ ସମସ୍ତଙ୍କୁ ପଛରେ ପକାଇ ଗଣିଆ ବ୍ଲକରେ ଉଭୟ କଳା ଏବଂ ବିଜ୍ଞାନରେ ଟପ୍ପର ହୋଇଥିବା ଜଣାପଡିଛି । କଳାରେ ସୁଜାତା ଦେହେରା ୫୪୪ ନମ୍ବର ରଖି ବ୍ଲକ ଟପ୍ପର ହୋଇଥିବା ବେଳେ ବିଜ୍ଞାନରେ ବିଷ୍ଣୁପ୍ରିୟା ଦେହେରା ୫୬୫ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି । ବିଜ୍ଞାନରେ ୧୩ ଜଣ ଛାତ୍ରଛାତ୍ରୀ ୫ ଶହରୁ ଅଧିକ ମାର୍କ ରଖିଛନ୍ତି । ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ସମ୍ପାଦକ

ଦୈନିକ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୨୨ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ମୁମ୍ବାଇ ପୁଣି ହାରିଲା, କୋଲକାତା ଆଶା ଉଜ୍ଜୀବିତ

କୋଲକାତା, ୨୧/୫(ନ୍ୟୁ.ଏ): ଆଇପିଏଲ୍‌ର ୬୫ତମ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ ୪ ୱିକେଟ୍‌ରେ ମୁମ୍ବାଇ ଇଣ୍ଡିଆନ୍‌ସ୍‌କୁ ପରାସ୍ତ କରିଛି । ତା' ସହିତ ପ୍ଲେଅଫ୍ ମ୍ୟାଚ୍‌ରୁ କ୍ଷତ ବିଜୟ ଏବଂ ଗୋଟିଏ ବାତିଲ ମ୍ୟାଚ୍‌ରୁ ୧ ପଏଂଟ ସହ ମୋଟ ଉପରେ ୧୩ ପଏଂଟ୍ ପାଇ ନିଜ ଗ୍ରୁପ୍ ଅଫ୍ ଆଶାକୁ ଜୀବିତ ରଖିଛି । ଅନ୍ୟପକ୍ଷରେ ପୂର୍ବ ବିଜେତା ମୁମ୍ବାଇ ଇଣ୍ଡିଆନ୍ସ ପୁଣି ଥରେ ଲଜ୍ଜାଜନକ ପ୍ରଦର୍ଶନ କରି ସେହି ପ୍ଲେଅଫ୍‌ରୁ ବାହାରିଗଲା । ପୂର୍ବରୁ ମୁମ୍ବାଇ ପ୍ଲେ ଅଫ୍‌ରୁ ବାହାରିଯିବାରୁ ସଂପ୍ରତି ଜେଜବ ଉଷ୍ଣାନର ସହ ଅଭିଯାନ ଶେଷ କରିବାକୁ ସଂଘର୍ଷ କରୁଛି । ଆଜି ମୁମ୍ବାଇ ମାତ୍ର ୧୪୮ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା । ଯାହାକୁ କୋଲକାତା ୭ ବଲ୍ ପୂର୍ବରୁ ୬ ୱିକେଟ୍ ହରାଇ ହାସଲ କରି ନେଇଥିଲା । କୋଲକାତା ଗତ୍ ଜିତି ମୁମ୍ବାଇକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଦୁଇ ଓପନର ରୋହିତ ଶର୍ମା ଓ ରିୟାନ ରିକେଲଟନ୍ ପୂରା ନିରାଶ କରିଦେବା ସହ ମୁମ୍ବାଇ ୨୩ ରନ୍‌ରେ ୩ ୱିକେଟ୍ ହରାଇ ଘୋର ସଂଘର୍ଷ କରିଥିଲା । ଅଭିଜ୍ଞ ସୂର୍ଯ୍ୟକୁମାର ଯାଦବ ଏବଂ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରତ୍ୟାବର୍ତ୍ତନ ଦୃଷ୍ଟିରୁ କୋଲକାତା ବୋଲରମାନଙ୍କୁ ଏହି ଦଳ ଲଢ଼ା ଟକ୍କର ଦେବ ବୋଲି ଆଶା କରାଯାଉଥିଲା । ହେଲେ ସେମିତି କିଛି ଘୋଇ ନଥିଲା । ମୁମ୍ବାଇର ଶୀର୍ଷକ୍ରମ ପୁଣି ଥରେ ନିରାଶ କରିବା ସହ ଉଭୟ ସୂର୍ଯ୍ୟକୁମାର (୧୫) ଓ ହାର୍ଦ୍ଦିକ (୨୬) ଟି ସେମିତି କିଛି ଆଞ୍ଚଳିକୀଆ ପ୍ରଦର୍ଶନ କରି ପାରି ନଥିଲେ । ବରଂ କୋଲକାତା ବୋଲରମାନେ ନିଜ ଅଧିନାୟକ ଅଜିଙ୍କ୍ୟ ରାହାଣେଙ୍କ କିଷ୍ଟିକୁ ଠିକ୍ ବୋଲି ପ୍ରମାଣିତ କରି ଦେବେ ନିୟମିତ ବ୍ୟବଧାନରେ ୱିକେଟ୍ ଝାଡ଼ି ନଥିଲେ, ମୁମ୍ବାଇର ରନ୍ ଗତିକୁ ମଧ୍ୟ ପୂରା ନିୟନ୍ତ୍ରଣରେ ରଖିଥିଲେ । ବରୁଣ ବରୁଣ୍ ବିଜୟିତ ଆକ୍ରମଣ ପାଇଁ ଶେଷ ଦୁଇ ଓଭରରୁ ୩୨ ରନ୍ କରିବା ଛଡ଼ା ନିଜର ପୂରା ପାଳିରେ ମୁମ୍ବାଇ ଗୋଟିଏ ଗୋଟିଏ ରନ୍ ପାଇଁ ସଂଘର୍ଷ କରିଥିଲା । ସୌରଭ ଦୁବେ, କ୍ୟାମେରନ୍ ଗ୍ରିନ୍‌ଓ କାର୍ତ୍ତିକ ତ୍ୟାଗୀଙ୍କ ଶାଣିତ ବୋଲିଂ ପାଇଁ କୋଲକାତା ଶେଷରେ ମୁମ୍ବାଇକୁ ୧୪୭/୮ରେ ଅଟକାଇ ଦେଇଥିଲା । ସଂକ୍ଷିପ୍ତ ସ୍କୋର: ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ-୧୪୭/୮ (କର୍ଣ୍ଣିନ ଦସ୍ ୩୨*ଟ, ହାର୍ଦ୍ଦିକ ପାଣ୍ଡ୍ୟା ୨୬, ତିଳକ ବର୍ମା ୨୦, ସୂର୍ଯ୍ୟକୁମାର ଯାଦବ ୧୫, କ୍ୟାମେରନ୍ ଗ୍ରିନ୍ ୨/୨୩, ସୌରଭ ଦୁବେ ୨/୩୪, କାର୍ତ୍ତିକ ତ୍ୟାଗୀ ୨/୩୭, ସୁନୀଲ ନାରାୟଣ ୧/୧୩) । କୋଲକାତା ନାଇଟ୍ ରାଇଡର୍ସ ୧୮.୫ ଓଭରରେ-୧୪୮/୬ (ମନୀଷ ପାଣ୍ଡେ ୪୫, ରୋମାନ ପାଓ୍ୱେଲ ୪୦, ଅଜିଙ୍କ୍ୟ ରାହଣେ ୨୧, କର୍ଣ୍ଣିନ ଦସ୍ ୩/୩୦, ଦୀପକ ଚହର ୧/୨୩, ଯଶପ୍ରୀତ୍ ବୁମ୍ରା ୧/୨୬) ।

ବିଶୃଙ୍ଖଳିତ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦଣ୍ଡିତ କଲା ବିସିସିଆଇ

ନୂଆଦିଲ୍ଲୀ, ୨୧/୫(ନ୍ୟୁ.ଏ): ବିଶୃଙ୍ଖଳିତ ଆଚରଣ ପାଇଁ ଆଇପିଏଲ ପ୍ରାଂଚାଇଜ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦଣ୍ଡିତ କରିଛି ବିସିସିଆଇ । ସେ ଆଇପିଏଲ ଆଚରଣ ବିଧିର ଲେଭେଲ ୧କୁ ଉଲ୍ଲଙ୍ଘନ କରି ଦଣ୍ଡିତ ହୋଇଛନ୍ତି । ତାଙ୍କ ମ୍ୟାଚ ଫି' ୧୦% କଟି ଥିବା ବେଳେ ତାଙ୍କୁ ଗୋଟିଏ ଡିମେରିଟ ପଏଂଟ ମଧ୍ୟ ମିଳିଛି । ବୁଧବାର କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା ଆଚରଣ ବିଧି ଉଲ୍ଲଙ୍ଘନ କରିଥିବାରୁ ତାଙ୍କୁ ଦଣ୍ଡିତ ହେବାକୁ ପଡ଼ିଛି । ପୂରା ଘଟଣା ମ୍ୟାଚ୍‌ର ୧୦ମ ଓଭରରେ ଘଟିଥିଲା । ଲେକେଆର ବ୍ୟାଟର ବ୍ୟାଟିଂ କରୁଥିବା ବେଳେ ହାର୍ଦ୍ଦିକ ନିଜ ବୋଲିଂ ରନ ଅପ୍‌କୁ ଚାଲି ଚାଲି ଆସୁଥିଲେ । ଏହି ସମୟରେ ସେ ବେଶ ରାଗରେ ଡ୍ରିଙ୍କେଟର ବେଲକୁ ଲାତି ମାରିଥିଲେ । ମୁମ୍ବାଇ ମ୍ୟାଚ୍‌ରେ ଡ୍ରିଙ୍କେଟ ନେଇ ପାରୁ ନଥିବା ବେଳେ ବ୍ୟାଟ୍ ମଧ୍ୟ ହାତ ଛାଡ଼ି କରିଥିଲା । ସେହି ରାଗରେ ପାଣ୍ଡ୍ୟା ବେଲକୁ ଲାତି ଥିଲେ । ଏପରି କରି ସେ ଆଇପିଏଲର ଆଚରଣ ବିଧିର ଧାରେ ୨.୧କୁ ଉଲ୍ଲଙ୍ଘନ କରିଛନ୍ତି । ତେଣୁ ପାଣ୍ଡ୍ୟାଙ୍କୁ ମ୍ୟାଚ୍‌ରେ ଦଣ୍ଡିତ କରାଯାଇଛି । ମୁମ୍ବାଇ ମଧ୍ୟ ୪ ୱିକେଟରେ କୋଲକାତା ଠାରୁ ହାରି ଯାଇଛି । ଏହି ବିଜୟ ସହ କୋଲକାତା ମଧ୍ୟ ନିଜକୁ ପ୍ଲେ ଅଫ ରେସରେ ରଖିବାକୁ ସକ୍ଷମ ହୋଇଛି । ଦଳ ଯଦି ଶେଷ ମ୍ୟାଚ୍ ଜିତିବ ଓ ରାଜସ୍ଥାନ ଶେଷ ମ୍ୟାଚ୍ ମୁମ୍ବାଇ ଠାରୁ ହାରିବ, ତା'ହେଲେ କୋଲକାତାର ପ୍ଲେ ଅଫ ଖେଳିବା ଆଶା ବଢ଼ିଯିବ । ତସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ମୁମ୍ବାଇ କହୁତ କଷ୍ଟରେ ୮ ୱିକେଟ ହରାଇ ୧୪୭ ରନ କରିଥିଲା । ୧୪୮ ରନର ଟାର୍ଗେଟକୁ କୋଲକାତା ୭ ବଲ ପୂର୍ବରୁ ୬ ୱିକେଟ ହରାଇ ହାସଲ କରି ନେଇଥିଲା । ମନୀଷ ପାଣ୍ଡେ ୩୩ ବଲରେ ୪୫ ଓ ରୋମନ ପାଓ୍ୱେଲ ୩୦ ବଲରେ ୪୦ ରନର ଇନିଂସ ଖେଳିଥିଲେ । ଦମଦାର ଇନିଂସ ପାଇଁ ମନୀଷ ପାଣ୍ଡେଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ମିଳିଛି ।

ବ୍ଲକ୍ ହେବା ପରେ ନୂଆ ଏକ୍ସ ଆକାଉଂଟ ଖୋଲିଲା କକ୍‌ରୋଚ୍ ପାର୍ଟି

ନୂଆଦିଲ୍ଲୀ, ୨୧/୫(ନ୍ୟୁ.ଏ): ସରକାରଙ୍କୁ ସମାଲୋଚନା କରୁଥିବା କକ୍‌ରୋଚ୍ ଜନତା ପାର୍ଟି (ସିଜେପି)ର ମୂଳ ହ୍ୟାଣ୍ଡେଲକୁ ଗୁରୁବାର ରାତରେ ବ୍ଲକ୍ କରିବାର କିଛି ଘଂଟା ପରେ ଏହା ଏକ ନୂତନ ଏକ୍ସ ଆକାଉଂଟ ଖୋଲି ନିଜର ସମାଲୋଚନା ଓ ବ୍ୟାଙ୍ଗ ଅଭିଯାନ ଜାରି ରଖିଛି । ଘୋଷଣାର ଅନ୍‌ଲାଇନ୍ ଲୋକପ୍ରିୟତା ବୃଦ୍ଧି ମଧ୍ୟରେ ଏହି ବିକାଶ ଘଟିଛି, ଦଳ ନିଜରେ ଫଲୋଅର (ଅନୁଗାମୀ) ସଂଖ୍ୟା ବୃଦ୍ଧିରୁ ବିଜେପିର ଅଫିସିଆଲ୍ ଲମ୍ବଗ୍ରାମ୍ ଆକାଉଂଟକୁ ଅତିକ୍ରମ କରିଛି । ନୂଆ ଆକାଉଂଟ ମାଧ୍ୟମରେ ଏହାକୁ ଫେରିବାର ଏକ ସଂଘାତ ମଧ୍ୟରେ, କକ୍‌ରୋଚ୍ ପାର୍ଟି ଏହାର ସମାଲୋଚକମାନଙ୍କୁ ପରିହାସ କରି ବୁଲଟି ନୂତନ ପୋଷ୍ଟ ସେୟାର କରିଥିଲା । ଗୋଟିଏ ପୋଷ୍ଟରେ ଲେଖାଥିଲା, ଆପଣ ଭାବୁଥିଲେ ଯେ ଆପଣ ଆମକୁ ମୁଣ୍ଡି ପାଇପାରିବେ ଜେତେ ନୁହେଁ । ଏହା ଅନ୍ୟ ଏକ ପୋଷ୍ଟରେ ବିଜେପିର ଲମ୍ବଗ୍ରାମ୍ ହ୍ୟାଣ୍ଡେଲ ଓ ସିଜେପିର ମୂଳ ଆକାଉଂଟର ଅନୁଗାମୀ (ଫଲୋଅର)ଙ୍କ ସଂଖ୍ୟା ତୁଳନା କରି ସ୍କ୍ରିନଶଟ୍ ସେୟାର କରିଛି, ଯେଉଁଥିରେ କ୍ୟାପସନରେ ଲେଖାଯାଇଛି : 'ଏମାନେ ଆମକୁ ବ୍ଲକ୍ କରିବାର କାରଣ' । ସିଜେପିର ପ୍ରତିଷ୍ଠାତା ଅଜିତ ଦାପକେ ମଧ୍ୟ ଏହି ଘଟଣା ଉପରେ ସର୍ବସାଧାରଣରେ ପ୍ରତିକ୍ରିୟା ପ୍ରକାଶ କରି ଏକ ପଟୋ ସେୟାର କରି କହିଛନ୍ତି ଯେ ଭାରତରେ ମୂଳ ଆକାଉଂଟକୁ ଅଟକାଇ ରଖାଯାଇଛି । ଏହି କାର୍ଯ୍ୟାନୁଷ୍ଠାନ ଆଶା କରାଯାଉଥିଲା, କାରଣ ପାରୋଡି (ବ୍ୟଙ୍ଗ) ଆନ୍ଦୋଳନକୁ ନେଇ ଆଲୋଚନା ଅନ୍‌ଲାଇନ୍‌ରେ ଟ୍ରେଣ୍ଡ ଜାରି ରଖିଛି । କିଛି ଦିନ ପୂର୍ବରୁ ଏକ ଅନ୍‌ଲାଇନ୍ ବ୍ୟାଙ୍ଗାତ୍ମକ ଆନ୍ଦୋଳନ ଭାବରେ ଯାହା ଆରମ୍ଭ ହୋଇଥିଲା ତାହା ବର୍ତ୍ତମାନ ଏକ ପୂର୍ଣ୍ଣ ଡିଜିଟାଲ୍ ଘଟଣାରେ ପରିଣତ ହୋଇଛି, ଯାହା ବେରୋଜଗାରୀ, ପରୀକ୍ଷା ପେପର ଲିକ୍, ରାଜନୈତିକ ଆଲୋଚନା ଓ ଆନୁଷାଙ୍ଗିକ ଉତରଦାୟିତ୍ୱକୁ ନେଇ ଯୁବକମାନଙ୍କ ନିରାଶା ଦ୍ୱାରା ପରିଚାଳିତ । ନିଜକୁ 'ଯୁବକମାନଙ୍କର ଦ୍ୱାରା, ଯୁବକମାନଙ୍କର, ଯୁବକମାନଙ୍କ ପାଇଁ ଏକ ରାଜନୈତିକ ସାଶ୍ରୁଶ୍ୟ' ଭାବରେ ବର୍ଣ୍ଣନା କରି କକ୍‌ରୋଚ୍ ଜନତା ପାର୍ଟି 'ଧର୍ମନିରପେକ୍ଷ, ସମାଜବାଦୀ, ଗଣତାନ୍ତ୍ରିକ, ଅଳସୁଆ' ସ୍ଲୋଗାନ ସହିତ କାର୍ଯ୍ୟ କରେ ।

ପୁଲୱାମା ହମଲାର ମାଷ୍ଟରମାଇଣ୍ଡ ହମଲା ସଫା

ନୂଆଦିଲ୍ଲୀ, ୨୧/୫(ନ୍ୟୁ.ଏ): ପୁଣି ପାକିସ୍ତାନରେ ଅଜଣା ବନ୍ଦୁକଧାରୀ ଘଟାଇଛନ୍ତି ବଡ଼ ଘଟଣା । ଦେଶକୁ ଦୋହଲାଇ ଦେଇଥିବା ୨୦୧୯ ମସିହା ପୁଲୱାମା ହମଲାର ଅନ୍ୟତମ ମାଷ୍ଟରମାଇଣ୍ଡ ହମଲା ବୁରହାନର ଖେଳ ଶେଷ ହୋଇଛି । ଆଜି ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ)ରେ ଅଜଣା ବନ୍ଦୁକୀଙ୍କ ଗୁଳିମାଡ଼ରେ ନିହତ ହୋଇଛି ହମଜା । ଭାରତ ରାବେ ପରିଚିତ ଏହି କୁଖ୍ୟାତ ଆତଙ୍କବାଦୀକୁ ମୁଲାଫଗବାରରେ ଏକାଧିକ ଗୁଳି ମାଡ଼ ହୋଇଥିଲା । ଏହାପରେ ତା'କୁ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ତା'ର ମୃତ୍ୟୁ ହୋଇଛି । ଜଙ୍ଗୁ-କଶ୍ମୀର ଅନ୍ତର୍ଗତ ପୁଲୱାମାର ମୁଳବାସିନ୍ଦା ହେଉଛି ହମଜା । ତା'ର ପ୍ରକୃତ ନାଁ ଅର୍ଜୁମାନ୍ଦ ଗୁଲଜାର ଭାର । ସେ ପାକିସ୍ତାନରେ ରହି ଭାରତ ବିରୋଧରେ ଷଡ଼ଯନ୍ତ୍ର କରୁଥିଲା । ୨୦୨୨ରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତା'କୁ ଆତଙ୍କବାଦୀ ରାବେ ଘୋଷଣା କରିଥିଲା । ହମଜା ଓରଫ ଡାକ୍ତର ପୁଲୱାମା ହମଲାରେ ବେଶ ସକ୍ରିୟ ଭୂମିକା ଗ୍ରହଣ କରିଥିଲା । ୨୦୧୯ ଫେବୃଆରୀ ୧୪ରେ ପୁଲୱାମାରେ ସିଆରପିଏଫ କନଭୟ ଉପରେ ଆତ୍ମଘାତୀ ହମଲା ହୋଇଥିଲା । ଏଥିରେ ୪୦ ଜଣ ବୀର ଯବାନ ସହିଦ ହୋଇଥିଲେ । ଏହି ଘଟଣାର ମାଷ୍ଟରମାଇଣ୍ଡ ଥିଲା ହମଜା । ହମଜାର ଜନ୍ମ ପୁଲୱାମାରେ ହୋଇଥିଲେ ହେଁ ସେ ୨୦୧୭ରେ ଅଧିକ ପାଠପଢ଼ିବାକୁ ପାକିସ୍ତାନ ଚାଲି ଯାଇଥିଲା । କିନ୍ତୁ ସେଠାରେ ସେ ଆତଙ୍କୀ ସଂଗଠନ ଅଲ ବଦରରେ ସାମିଲ ହୋଇଥିଲା । ସମୟକ୍ରମେ ସେ ସଂଗଠନର କମାଣ୍ଡର ପଦବୀ ହାସଲ କରିଥିଲା । ଭାରତରେ ହୋଇଥିବା ଏକାଧିକ ଆତଙ୍କବାଦୀ ହମଲାରେ ହମଜା ସାମିଲ ରହିଥିଲା । ସେ ଅଲ ବଦର ପାଇଁ କାମ କରୁଥିଲେ ହେଁ ଏହା ଜୈଶ-ଇ-ମହମ୍ମଦର ଅଂଶବିଶେଷ ରହିଥିଲା । ପୁଲୱାମା ହମଲା ପଛରେ ଜୈଶ ରହିଥିଲା । କିନ୍ତୁ ଏହାର ଅନ୍ୟତମ ମାଷ୍ଟରମାଇଣ୍ଡ ହେଉଛି ହମଜା । ପୁଲୱାମା ହମଲା ପରେ ଭାରତୀୟ ସେନା ଏହାର ବଦଳା ନେଇଥିଲେ । ଭାରତୀୟ ସେନା ପଷ୍ଟତ୍ରୁ ବାଲାକୋଟରେ କଲାଯାଇଥିଲା ଏୟାର ଷ୍ଟ୍ରାଇକର । ଏଥିରେ ୧୦୦ରୁ ଅଧିକ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଥିଲା । ପାକିସ୍ତାନ ଏହାର ବଦଳା ନେବାକୁ ଚେଷ୍ଟା କରିବାରୁ ଦୁଇ ଦେଶ ମଧ୍ୟରେ ଆକାଶ ପଥରେ ଦେଶ କିଛି ସମୟ ପାଇଁ ଗମାଗୋଚ ଲଢ଼େଇ ଦେଖିବାକୁ ମିଳିଥିଲା ।

ଅଭିଷେକ ବାନାର୍ଜୀଙ୍କୁ ମିଳିଲା ହାଇକୋର୍ଟ ସୁରକ୍ଷା

କୋଲକାତା, ୨୧/୫(ନ୍ୟୁ.ଏ):ମମତା ବାନାର୍ଜୀଙ୍କ ପୁରୁତା ତଥା ଟିଏମସି ସାଂସଦ ଅଭିଷେକ ବାନାର୍ଜୀଙ୍କୁ ମିଳିଛି ବଡ଼ ଆଶ୍ୱସ୍ତି । ଆଜି କ୍ୟାଲକାତା ହାଇକୋର୍ଟ ଅଭିଷେକ ବାନାର୍ଜୀଙ୍କୁ ଅସ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଝାଡ଼ଖଣ୍ଡରେ ଦିବାରା ଟିସରୀ ଅଭିଯୋଗ ଘଟଣାରେ ପଶ୍ଚିମବଙ୍ଗ ପୁଲିସ୍ ତାଙ୍କ ବିରୋଧରେ ଏଣିକି ବୁଣ୍ଟାମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ । ଏକାଧିକ ନିର୍ବାଚନ ରାଲିରେ ଶ୍ରୀ ବାନାର୍ଜୀ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହଙ୍କ ବିରୋଧରେ ଧମକପୂର୍ଣ୍ଣ ବୟାନ ଦେଇଥିବା ଅଭିଯୋଗ ହୋଇଥିଲା । ଏଗେଇ ବେଙ୍ଗଲ ପୁଲିସ୍ ଗୋଟିଏ ଏଫଆଇଆର ମଧ୍ୟ ଲୁଚୁ କରିଥିଲା । ବେଙ୍ଗଲ ପୁଲିସ୍ କାଳେ ଗିରଫ କରିନେବ, ସେଥିପାଇଁ ଅଭିଷେକ ବାନାର୍ଜୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । କୋର୍ଟ ଏବେ ତାଙ୍କୁ କୁଲାର ୩୧ କିମ୍ବା ମାମଲା ରଫଦଫା ହେବା ଯାଏ ଗିରଫଦାରୀରୁ ସୁରକ୍ଷା ଦେଇଛନ୍ତି । ଗିରଫଦାରୀରୁ ସୁରକ୍ଷା ମିଳିଥିଲେ ହେଁ ଅଭିଷେକ ବାନାର୍ଜୀ ବିନା ଅନୁମତିରେ ରାଜ୍ୟ ଛାଡ଼ି ପାରିବେ ନାହିଁ । ଯଦି ସେ କେଉଁ ଆଡ଼େ ଯିବାକୁ ଚାହାନ୍ତି, ତା'ହେଲେ ୪୮ ଘଂଟା ପୂର୍ବରୁ ନୋଟିସ ଦେବେ । ଅନୁମତି ମିଳିବା ପରେ ହିଁ ସେ ଯାତ୍ରା କରିପାରିବେ ବୋଲି କୋର୍ଟ କହିଛନ୍ତି । ଗତ ସପ୍ତାହରେ ବିଧାନନଗର ସାଇବର କ୍ରାଇମ ପୁଲିସ ଅଭିଷେକ ବାନାର୍ଜୀଙ୍କ ବିରୋଧରେ ଏଫଆଇଆର ଲୁଚୁ କରିଥିଲା । ଅମିତ ଶାହଙ୍କ ବିରୋଧରେ ସେ ଉସବଙ୍କାଳରେ ଭଳି ବୟାନ ଦେଇଥିବା ଅଭିଯୋଗରେ ଏହି ଏଫଆଇଆର ଲୁଚୁ କରାଯାଇଛି । ସାମାଜିକ କର୍ମୀ ରାଜୀବ ସରକାର ମେ' ୫ ତାରିଖରେ ଅଭିଷେକ ବାନାର୍ଜୀଙ୍କ ବିରୋଧରେ ଅଭିଯୋଗ କରିଥିଲେ । ମେ' ୪ରେ ବେଙ୍ଗଲ ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପାଇବାର ଦିନକ ପରେ ଏପରି ଅଭିଯୋଗ ଦାଖଲ କରାଯାଇଥିଲା । ରାଜୀବ ସରକାର ନିଜ ଅଭିଯୋଗରେ କହିଛନ୍ତି ଯେ ଅଭିଷେକ ବାନାର୍ଜୀ ଏପ୍ରିଲ ୨୭ରୁ ମେ' ୩ ମଧ୍ୟରେ ଆୟୋଜିତ ଏକାଧିକ ପ୍ରଚାର କାର୍ଯ୍ୟକ୍ରମରେ ଘୃଣା ଓ ବିଦ୍ୱେଷ ସୃଷ୍ଟି କରିବା ଭଳି ବୟାନ ଦେଇଥିଲେ । ଏପରି କି ଗୋଟିଏ ସଭାରେ ସେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଧମକ ମଧ୍ୟ ଦେଇଥିଲେ । ଏଥିର ପ୍ରମାଣ ସ୍ୱରୂପ ରାଜାଦ ସରକାର କିଛି ଭାଷଣର ଲିଙ୍କ ମଧ୍ୟ ପୁଲିସ୍ ନିଜଟରେ ଦାଖଲ କରିଛନ୍ତି । ଅଭିଯୋଗକୁ ସ୍ୱାଂଚ କରିବା ପରେ ବିଧାନନଗର ସାଇବର କ୍ରାଇମ ପୁଲିସ୍ ଏକ ଏଫଆଇଆର ଲୁଚୁ କରିଛି । ଭାରତୀୟ ନ୍ୟାୟ ସଂହିତାର ଧାରା ୧୯୩, ୧୯୬, ୩୫୧(୨) ଓ ୫୩୫(୧)(ଖ) ସମେତ ଲୋକପ୍ରତିନିଧିତ୍ୱ ଆଇନର ଧାରା ୧୨୩(୨) ଓ ୧୨୫ ଆଧାରରେ ମାମଲା ହୋଇଛି । ଏଫଆଇଆରରେ କୁହାଯାଇଛି ଯେ ଭାଷଣଗୁଡ଼ିକରେ ଉସକାଇବା, ଧମକ ଦେବା ଓ ବିଦ୍ୱେଷ ସୃଷ୍ଟି କରିବା ଭଳି ବିଷୟବସ୍ତୁ ରହିଛି । ଏହାଦ୍ୱାରା ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାର ଓ ସାମ୍ପ୍ରଦାୟିକ ସଦ୍ଭାବନା ବିଗିଡ଼ିବାର ଆଶଙ୍କା ରହିଛି । ଅଭିଯୁକ୍ତ ଜଣକ ପ୍ରତିପକ୍ଷ ଦଳର କର୍ମୀଙ୍କ ବିରୋଧରେ ଆକ୍ରମଣାତ୍ମକ ଭାଷାର ପ୍ରୟୋଗ ସର୍ବସାଧାରଣରେ କରିଥିବା ଏଫଆଇଆରରେ କୁହାଯାଇଛି ।

ଆରଜି କର ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ ସଦ୍ୟ ତଦନ୍ତ ନିର୍ଦ୍ଦେଶ ଦେଲେ କୋଲକାତା ହାଇକୋର୍ଟ

କୋଲକାତା, ୨୧/୫(ନ୍ୟୁ.ଏ): ୨୦୨୪ ମସିହାର ଆରଜି କର ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ ସଦ୍ୟ ତଦନ୍ତ ହେବ । ଏହି ମାମଲାରେ ପ୍ରମାଣ ନଷ୍ଟ କରାଯାଇଥିବା ନେଇ ପାଡ଼ିହୋ ଟ୍ରେନି ଡାକ୍ତରଙ୍କ ବାପା ମା' ଅଭିଯୋଗ କରିବାପରେ ହାଇକୋର୍ଟ ଏହି ମାମଲାରେ ସଦ୍ୟ ତଦନ୍ତ ପାଇଁ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି । ସିବିଆଇର ୩ ଜଣିଆ ସଦସ୍ୟ ବିଶିଷ୍ଟ ଏଏସଆଇଟି ଉକ୍ତ ମାମଲାର ତଦନ୍ତ କରିବେ ବୋଲି ହାଇକୋର୍ଟ କହିଛନ୍ତି । କଲିକତା ଶାମ୍ପା ସରକାର ଏବଂ କଲିକତା ଟାଉନ୍‌ଙ୍କର ଘୋଷଙ୍କ ଖଣ୍ଡପୀଠ ପାଡ଼ିହାଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା ହୋଇଥିବା ଅଭିଯୋଗକୁ ଉଲଲାବେ ଯାଂଚ କରିବାପାଇଁ ଏଏସଆଇଟିକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଏଏସଆଇଟି ଉକ୍ତ ମାମଲାର ତଦନ୍ତ ରିପୋର୍ଟ ଜୁନ୍ ୨୫ ସୁଦ୍ଧା ହାଇକୋର୍ଟରେ ଦାଖଲ କରିବାକୁ କୁହାଯାଇଛି । ସିବିଆଇର ଦକ୍ଷର୍ଣ୍ଣ ଜୋନ୍ ଯୁଗ୍ମ ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏଏସଆଇଟି ଉକ୍ତ ମାମଲାରେ ସଦ୍ୟ ତଦନ୍ତ କରିବ । ଅନ୍ୟପକ୍ଷେ ଏଏସଆଇଟିର ଅନ୍ୟ ୨ ସଦସ୍ୟ କିଏ ରହିବେ ତାହା କୋର୍ଟ ୪୮ ଘଂଟା ମଧ୍ୟରେ ନିଷ୍ପତ୍ତି ନେବେ । କୋର୍ଟ ଏହି ମାମଲାରେ ସିବିଆଇକୁ ପୂରା ଘଟଣାର ଫୁଟେଜ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ଶପଥ ପାଠ ବେଳେ ରାହୁଲ ଗାନ୍ଧିଙ୍କ ନାଁ ନେଲେ ବିଧାୟକ

ଚେନ୍ନାଇ, ୨୧/୫(ନ୍ୟୁ.ଏ): ତାମିଲନାଡୁରେ ଆଜି କଂଗ୍ରେସ ପାଇଁ ଐତିହାସିକ ଦିନ । କାରଣ ଦଳର ଦୁଇ ଜଣ ବିଧାୟକ ଆଜି ବିଜୟଙ୍କ ଟିଭିକେ ସରକାରରେ ମନ୍ତ୍ରୀ ରାବେ ଶପଥ ନେଇଛନ୍ତି । କଂଗ୍ରେସ ଦୀର୍ଘ ୬୦ ବର୍ଷ ପରେ ତାମିଲନାଡୁ ସରକାରରେ ସାମିଲ ହୋଇଛି । ୧୯୬୭ ମସିହା ପରେ କଂଗ୍ରେସ କୌଣସି ବିଧାୟକ ତାମିଲନାଡୁରେ ମନ୍ତ୍ରୀ ହୋଇଛନ୍ତି । ଆଜି ଏହି ଐତିହାସିକ ଦିନରେ ମଧ୍ୟ ବିବାଦ ଦେଖାଯାଇଛି । କଂଗ୍ରେସ ବିଧାୟକ ରାଜେଶ କୁମାର ଆଜି ମନ୍ତ୍ରୀ ରାବେ ଶପଥ ନେବା ବେଳେ ମଂଚ ଉପରେ ରାହୁଲ ଗାନ୍ଧିଙ୍କ ସପକ୍ଷରେ ନାରାବାଜୀ ବା ଜିନ୍ଦାବାଦ କରିଥିଲେ । ଏହା ଶୁଣି ରାଜ୍ୟପାଳ ଆର୍ଲେକର କହିଥିଲେ ଯେ "ଏହା ଆପଣଙ୍କ ଶପଥ ପାଠର ଅଂଶବିଶେଷ ନୁହେଁ ।" ଏହି ସମୟରେ ରାଜ୍ୟପାଳ ସ୍ଥିର ହାସ୍ୟ ଦେଇଥିଲେ । ଏସ୍? ରାଜେଶ କୁମାର ମଧ୍ୟ ହସି ହେଲେ ନିଜ ଶପଥ ପାଠ ବସ୍ତାବିଜରେ ଦସ୍ତଖତ କରିଥିଲେ । ଏହାର ଭିଡି